ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.57, Bhubaneswar Thursday, April 16,2020 | ୨୩ତମ ବର୍ଷ ସଂଖ୍ୟା-୫୭ ଭୁବନେଶ୍ୱର, ଗୁରୁବାର ଅପ୍ରେଲ ୧୬,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## କରୋନାକୁ ନେଇ ୧୨ଟି ଭ୍ରାନ୍ତ ଧାରଣା

ଭୁବନେଶ୍ୱର, (ପିଏନ)- କରୋନା ଭାଇରସ୍ ବା କୋଭିଡ୍- ୧୯କୁ ନେଇ ସମସ୍ତଙ୍କ ମନରେ ବହୁତ ଗୁଡିଏ ଆଶା ଆଶଙ୍କା ରହିଛି । କରୋନାକୁ ନେଇ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରକାରର ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି । ରାଜ୍ୟ କୋଭିଡ୍-୧୯ ପ୍ରମୁଖ ମୁଖପାତ୍ର ସୁବ୍ରତ ବାଗଚୀ କରୋନାକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ୧୨ଟି ଭ୍ରାନ୍ତ ଧାରଣା ଉପରେ ସୂଚନା ଦେବା ସହ ଏହା ପଛରେ ଥିବା ସତ୍ୟତା ସମ୍ପର୍କରେ ସୂଚନା ଦେଇଥିଲେ ।

୧. ନାକରେ ଲୁଣ ପାଣି ଦେଲେ କରୋନା ହେବ ନାହିଁ । ଏହା ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା । ଏପରି କଲେ କରୋନା ଭଲ ହୁଏ ନାହିଁ । କରୋନାରୁ ସୁରକ୍ଷିତ ରହିବା ପାଇଁ ମାସ୍କ ପିନ୍ଧନ୍ତୁ ଏବଂ ମୁହଁରେ ହାତ ମାରନ୍ତୁ ନାହିଁ ।

୨. ଗରମରେ କରୋନା ଜୀବାଣୁ ଆପେ ଆପେ ମରିଯିବ । ଏହା ଆଦୌ ବିଜ୍ଞାନ ସମ୍ମତ ନୁହେଁ ।

୩. କରୋନା ଥରେ ହେଲେ ସାରା ଜୀବନ ରହିବ । ଏଥିରେ କୌଣସି ସତ୍ୟତା ନାହିଁ । ବୈଜ୍ଞାନିକ ତଥ୍ୟ ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ କରୋନା ଥରେ ହୋଇଥିଲେ ଆଉ ଥରେ ହେବ ନାହିଁ ।

୪ .ପ୍ରଶ୍ୱାସ ନେବା ବେଳେ ଯଦି ୧୦ ସେକେଣ୍ଡ ଧରି ରଖିଲେ ତେବେ କରୋନା ହୋଇନାହିଁ । ଏଭଳି ବିଲକୁଲ ଠିକ୍ ନୁହେଁ । ଟେଷ୍ଟ ପରେ ହିଁ କରୋନା ହୋଇଛି କି ନାହିଁ ଜଣାପଡିବ । ତେବେ କରୋନା ହୋଇଥିଲେ ଜ୍ୱର , କାଶ ଓ ଶ୍ୱାସ କଷ୍ଟ ଆଦି ଲକ୍ଷଣ ଦେଖାଦେଇପାରେ ।

୫. ମଦ ପିଇଲେ କରୋନା ହେବ ନାହିଁ । ଏହା ବିଲକୁଲ୍ ଠିକ୍ ନୁହେଁ । ବରଂ ମଦ ଓ ନିଶା ଦ୍ରବ୍ୟ ବ୍ୟବହାର କଲେ ରୋଗ ପ୍ରତିରୋଧକ ଶକ୍ତି କମିଯିବ । କରୋନା ତ ଭଲ ହେବ ନାହିଁ କିନ୍ତୁ ସଂକ୍ରମଣ ସମ୍ଭାବନା ଆହୁରି ବଢିଯିବ ।

୬. ଗରମ ପାଣିରେ ଗାଧୋଇଲେ କରୋନା ହେବ ନାହିଁ । ଏହା ଭୁଲ ଧାରଣା । କରୋନାରୁ ସୁରକ୍ଷିତ ରହିବା ପାଇଁ ଦିନକୁ ୫ରୁ ୬ ଥର ସାବୁନରେ ହାତ ଧୁଅନ୍ତୁ ।

୭. ମଶା କାମୁଡିଲେ କରୋନା ସଂକ୍ରମଣ ହୋଇଥାଏ । ଏହାଦ୍ୱାରା କରୋନା ହେବ ନାହିଁ । ଏହା କାଶ ଓ ଝିଙ୍କରୁ ବାହାରୁଥିବା କଣିକା ଦ୍ୱାରା ବ୍ୟାପିଥାଏ ।

୮. ରସୁଣ ଖାଇଲେ କରୋନା ହେବ ନାହିଁ । ଠିକ୍ ହେଉଛି ରସୁଣ କରୋନା ପ୍ରତିଶେଷଧକ ନୁହେଁ ।

୯ . ଛୁଆ ଓ ଯୁବକଙ୍କୁ କରୋନା ହେବ ନାହିଁ । କରୋନା କାହାକୁ ମଧ୍ୟ ହୋଇପାରେ । ତେବେ ବୟସ୍କ ମାନଙ୍କ ନିକଟରେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ରହିଥିବାରୁ ସେମାନଙ୍କ ଠାରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଥାଏ ।

୧୦. ଆଂଟିବାୟୋଟିକ୍ ଖାଇଲେ କରୋନା ହେବ ନାହିଁ । ଏହା ଠିକ୍ ନୁହେଁ । ଏହା କେବଳ ଜୀବାଣୁ ନାଶକ ମାତ୍ର କରୋନା ,ଜୀବାଣୁ ନୁହେଁ ଭୂତାଣୁ । ତେଣୁ ମନଇଚ୍ଛା ଆଂଟିବାୟୋଟିକ୍ ଖାଆନ୍ତୁ ନାହିଁ ।

୧୧. କ୍ଲୋରିନ୍ ପାଣିରେ କୁଳି କଲେ କରୋନା ହେବ ନାହିଁ । ଏହା କଲେ ଅଧିକ ସ୍ୱାସ୍ଥ୍ୟଜନିତ କ୍ଷତି ହେବ ।

୧୨ .ପୋଷା କୁକୁର ବା ବିଲେଇ ଠାରୁ କରୋନା ସଂକ୍ରମଣ ହୋଇପାରେ । ଏହା ଠିକ୍ ନୁହେଁ । ର୍ତମାନ ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ ପୋଷା ଜନ୍ତୁଙ୍କ ଠାରୁ କରୋନା ହେବାର ଆଶଙ୍କା ନାହିଁ ।




## ଦେଶରେ କରୋନା ସଂକ୍ରମଣ ପ୍ରଭାବିତ ୧୭୦ଟି ହଟସ୍ପଟ ଜିଲ୍ଲା : ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, (ପିଏନ)- ଦେଶରେ ୧୭୦ଟି ଜିଲ୍ଲା ଏପରି ରହିଛି ଯେଉଁ ଜିଲ୍ଲା ରହିଛି ଯେଉଁ ଠାରେ କରୋନା ସଂକ୍ରମଣର ସବୁଠାରୁ ଅଧିକ ମାମଲା ରହିଛି । ଦେଶରେ ୨୦୭ଟି ଜିଲ୍ଲାରେ କରୋନା ମାମଲା ସାମନାକୁ ଆସିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରବାଲ ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ କରୋନା ସଂକ୍ରମଣ ମାମଲା ଦୃଷ୍ଟିରେ ରଖି ଦେଶର ସମସ୍ତ ଜିଲ୍ଲା ଗୁଡିକୁ ତିନି ଭାଗରେ ବିଭକ୍ତ କରା ଯାଇଛି । ରେଡ ଜୋନ ବା ହଟ ସ୍ପଟ ଜିଲ୍ଲା ହେଉଛି ସେହି ଜିଲ୍ଲା ଯେଉଁଥିରେ କରୋନାର ସବୁଠାରୁ ଅଧିକ ମାମଲା ସାମନାକୁ ଆସିଛି । ଏହି ଜିଲ୍ଲା ମାନଙ୍କରେ କରୋନା ମାମଲା ନିରନ୍ତନ ଭାବେ ବଢିବାରେ ଲାଗିଛି । ଆଉ କିଛି ଜିଲ୍ଲା ରହିଛି ଯେଉଁ ଠାରେ କମ ସଂଖ୍ୟାରେ ମାମଲା ସାମନାକୁ ଆସିଛି । ଏହି ଜିଲ୍ଲା ଗୁଡିକ ହେଉଛି ନନ ହଟ ସ୍ପଟ ଜିଲ୍ଲା । ତୃତୀୟ ବର୍ଗ ହେଉଛି ଏପରି ଜିଲ୍ଲା ଯେଉଁ ଠାରେ ଗୋଟିଏ ହେଲେ ମାମଲା ସାମନାକୁ ଆସି ନାହିଁ । ସମସ୍ତ ବର୍ଗ ପାଇଁ କେନ୍ଦ୍ର ସରକାର ଅଲଗା ଅଲଗା ଯୋଜନା ପ୍ରସ୍ତୁତ କରୁଥିବା ସେ ପ୍ରକାଶ କରିଛନ୍ତି ।

## ସର୍ବଭାରତୀୟ କୃଷି ପରିବହନ କଲସେଂଟର ନମ୍ବର ଆରମ୍ଭ

ନୂଆଦିଲ୍ଲୀ ,(ପିଏନ)- ଲକଡାଉନ ସମୟରେ ପଚନଶୀଳ କୃଷିଜାତ ସାମଗ୍ରୀର ଆନ୍ତଃରାଜ୍ୟ ପରିବହନ ପାଇଁ ୧୮୦୦୧୮୦୪୨୦୦ ଓ ୧୪୪୮୮ ନମ୍ବର ସହ ଯୋଗାଯୋଗ କରିହେବ ।

ଲକଡାଉନ ସମୟରେ ପଚନଶୀଳ କୃଷିଜାତ ସାମଗ୍ରୀର ଆନ୍ତଃରାଜ୍ୟ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂ ତୋମର ଆଜି ଦୁଇଟି କଲସେଂଟର ନମ୍ବର ଘୋଷଣା କରିଛନ୍ତି । କୃଷିଭବନରେ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ତୋମର ଘୋଷଣା କରିଥିବା ଏହି କୃଷି ପରିବହନ କଲସେଂଟର ନମ୍ବର ହେଲା - ୧୮୦୦୧୮୦୪୨୦୦ ଓ ୧୪୪୮୮ । ସଂପୃକ୍ତ ମାଲ ପରିବହନକାରୀ ଏହି ଦୁଇ ନମ୍ବରକୁ ଫୋନ କରି ବିଭିନ୍ନ ତଥ୍ୟ ଓ ସହାୟକ ସୂଚନା ପାଇପାରିବେ । ଏହି କଲ ସେଂଟର ଅହରାତ୍ର କାର୍ଯ୍ୟ କରିବ ଏବଂ ଉଭୟ ମୋବାଇଲ ଓ ଲ୍ୟାଣ୍ଡଲାଇନ ଫୋନ ଦ୍ୱାରା ଏହା ସହିତ ସମ୍ପର୍କ ସ୍ଥାପନ ହୋଇପାରିବ ।

ପନିପରିବା ଓ ଫଳ ଭଳି ପଚନଶୀଳ କୃଷିଜାତ ସାମଗ୍ରୀ ପରିବହନକୁ ସୁଗମ କରିବା ପାଇଁ ବିଭିନ୍ନ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା ଓ ଋଷୀ ତଥା ପରିବହନକାରୀଙ୍କୁ ଆବଶ୍ୟକ ତଥ୍ୟ ଯୋଗାଇ ଦେବାକୁ କୃଷି ମନ୍ତ୍ରଣାଳୟ ଏହି କଲସେଂଟର ସେବା ଆରମ୍ଭ କରିଛି ।ଲକଡାଉନ ସମୟରେ ଋଷୀ, ବ୍ୟବସାୟୀ ଓ ପରିବହନକାରୀ ଏହାଦ୍ୱାରା ବିଶେଷ ଉପକୃତ ହେବେ ବୋଲି ଆଶା କରାଯାଉଛି ।

## ଭବାନୀପାଟଣାରେ କୋଭିଡ୍ ହସ୍ପିଟାଲ ପ୍ରସ୍ତୁତି ସମୀକ୍ଷା କଲେ ୫ ଟି ସଚିବ ଓ ଉନ୍ନୟନ କମିଶନର

ଭୁବନେଶ୍ୱର,(ପିଏନ)-୫-ଟି ସଚିବ ଭିକେ ପାଣ୍ଡିଆନ ଓ ଉନ୍ନୟନ କମିଶନର ସୁରେଶ ମହାପାତ୍ର ବୁଧବାର କଳାହାଣ୍ଡି ଜିଲ୍ଲା ଗସ୍ତ କରି କୋଭିଡ ହସ୍ପିଟାଲର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ଉଭୟ ଭବାନୀପାଟଣାରେ ଥିବା ସରକାରୀ ଇଂଜିନିୟରିଂ କଲେଜରେ ହେବାକୁ ଥିବା ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲର ପ୍ରସ୍ତୁତି ନେଇ ଜିଲ୍ଲାପାଳ ଡକ୍ଟର ଗଭାଲି ପରାଗ ହର୍ଷଦ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ ।

## ଭୁବନେଶ୍ୱରରେ କରୋନା ନିୟନ୍ତ୍ରଣ ପାଇଁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ

ଭୁବନେଶ୍ୱର, (ପିଏନ)- ଭୁବନେଶ୍ୱରରେ କରୋନା ମାମଲା ବଢୁଥିବା କାରଣରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଭୁବନେଶ୍ୱର ମହାନଗର ନିଗମ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିଛନ୍ତି । ରାଜ୍ୟ ସରକାର ଭୁବନେଶ୍ୱରକୁ ତିନୋଟି ଜୋନରେ ବିଭକ୍ତ କରି ପ୍ରତ୍ୟେକ ଜୋନ ପାଇଁ ଦୁଇ- ଦୁଇ ଜଣ ବରିଷ୍ଠ ଅଧିକାରୀ ଏପରି ଛଅ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ।ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ନର୍ଥ ଜୋନ ପାଇଁ ଏସସିଏସଟି ଉନ୍ନୟନ ସଚିବ ରଂଜନା ଚୋପ୍ରା, ଶକ୍ତି ସଚିବ ବିଷ୍ଣୁପଦ ସେଠୀଙ୍କୁ ଦାୟିତ୍ୱ ଦିଆ ଯାଇଛି । ସେହିଭଳି ସାଉଥ ଇଷ୍ଟ ଜୋନ ଦାୟିତ୍ୱରେ ଅବକାରୀ ସଚିବ ସୁଶୀଲ ଲୋହାନୀ ଓ ଉଚ୍ଚ ଶିକ୍ଷା ବିଭାଗର ସଚିବ ଶାଶ୍ୱତ ମିଶ୍ରଙ୍କୁ ରଖା ଯାଇଛି । ଅନ୍ୟ ପକ୍ଷରେ ସାଉଥ ୱେଷ୍ଟ ଜୋନ ଦାୟିତ୍ୱରେ ଅର୍ଥ ସଚିବ ଅଶୋକ ମୀଣା ଓ ଏସଏସଇପିଡି ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ରଖା ଯାଇଥିବା ଜଣା ପଡିଛି । ଏହି ତିନି ଜୋନ ପାଇଁ ଦାୟିତ୍ୱ ଦିଆ ଯାଇଥିବା ଅଧିକାରୀ ମାନେ ବିଏମସି ସଂକ୍ରମଣ ରୋକିବା ପାଇଁ କାମ କରିବେ । ସେମାନେ କଂଟେନମେଂଟ ଅଂଚଳର ସ୍ଥିତି ସମୀକ୍ଷା କରିବା ସହ ବାକି ବିଷୟର ମଧ୍ୟ ତଦାରଖ କରିବେ । ସେମାନେ କଂଟାକ୍ଟ ଟ୍ରେସିଂ ଠାରୁ ଆରମ୍ଭ କରି ଜରୁରୀ ସାମଗ୍ରୀର ଯୋଗାଣ ଆଦିର ମଧ୍ୟ ସମୀକ୍ଷା କରିବେ ।

## ବିଜୁ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧ ଉତ୍ସବକୁ ନିରାଡମ୍ବର ଭାବେ ପାଳିବ ବିଜେଡି

ଭୁବନେଶ୍ୱର, (ପିଏନ)-କରୋନା ମହାମାରୀକୁ ଆଖି ଆଗରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି ବିଜେଡିର ସାଧାରଣ ସମ୍ପାଦକ ସଂଜୟ ଦାସବର୍ମା । ସେ କହିଛନ୍ତି ଯେ ସମସ୍ତ ବିଜେଡି କର୍ମୀ ଓ ନେତୃବୃନ୍ଦଙ୍କୁ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ନିଜ ନିଜ ଘରେ ବିଜୁ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଦେବାକୁ କୁହା ଯାଇଛି । ସେ କହିଛନ୍ତି ଦୀର୍ଘ ଦିନ ଧରି ଦଳ ପକ୍ଷରୁ କରା ଯାଉଥିବା ସାମାଜିକ କାର୍ଯ୍ୟକ୍ରମ ଜୀବନ ବିନ୍ଦୁ ଜାରୀ ରହିବ । ଜଣେ ବି ଯେପରି ରକ୍ତ ଅଭାବରୁ ସ୍ୱାସ୍ଥ୍ୟଗତ ସମସ୍ୟାରେ ନ ପଡନ୍ତି ସେଥି ପ୍ରତି ଦୃଷ୍ଟି ଦେବାକୁ ବିଜେଡି ସଭାପତି ସମସ୍ତ କର୍ମୀ, ନେତା ଓ ଶୁଭେଚ୍ଛୁ ମାନଙ୍କୁ ନିବେଦନ କରିଛନ୍ତି ।

## ଲକ୍‌ଡାଉନ୍-୨ ପାଇଁ ନୂଆ ଗାଇଡ୍ ଲାଇନ୍ ଜାରି କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

ନୂଆଦିଲ୍ଲୀ ,(ପିଏନ): କୋଭିଡ-୧୯ ମହାମାରୀକୁ ରୋକିବା ପାଇଁ ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଲକଡାଉନ ଅବଧିକୁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି ।ଏନେଇ ଗତକାଲି କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକୀକୃତ ନିୟମାବଳୀ ଜାରି କରାଯାଇଥିଲା ।ଏହି ନିର୍ଦ୍ଦେଶାବଳୀକୁ ଭିତିକରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଓ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ସରକାର ପାଳନ କରିବାକୁ ଥିବା ସଂଶୋଧିତ ନିୟମାବଳୀ ପୁନଃ ଜାରି କରାଯାଇଛି । ଏହି ନିୟମାବଳୀରେ କୋଭିଡ-୧୯ ମହାମାରୀର ପରିଚ୍ଳନା, କାର୍ଯ୍ୟାଳୟ, କାରଖାନା ଇତ୍ୟାଦିରେ ସାମାଜିକ ଦୂରତ୍ୱ ରକ୍ଷା ନେଇ ସର୍ବନିମ୍ନ ପାଳନୀୟ ନିୟମ ଉଲଙ୍ଘନରେ ଜୋରିମାନା ଇତ୍ୟାଦି ଅନ୍ତର୍ଭୁକ୍ତ ।ଏଗୁଡିକ ଆ ।ପତକାଳୀନ ପରିଚ୍ଳନା ୨୦୦୫ ଆଇନ ଏବଂ ଭାରତୀୟ ପିଙ୍ଗଳ କୋଡ-୧୮୬୦ର ଧାରା ବଳରେ ଲାଗୁ କରାଯିବ ।ଜନସାଧାରଣଙ୍କ ଅସୁବିଧାକୁ ଆଖିଆଗରେ ରଖି ଆସନ୍ତା ୨୦ ତାରିଖ ଠାରୁ କେତେକ ଅତିରିକ୍ତ କାର୍ଯ୍ୟକଳାପ ପାଇଁ ଅନୁମତି ଦିଆଯିବ । ତେବେ ଏହି ଅତିରିକ୍ତ କାର୍ଯ୍ୟକଳାପଗୁଡିକର ଅନୁମତି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କ ଅଧୀନରେ ଥିବା ଜିଲ୍ଲା ପ୍ରଶାସନ ଲକଡାଉନର ନିୟମକୁ କଡାକଡି ଭାବେ ପାଳନ କରି ତ୍ୱରାନ୍ୱିତ କରିବେ । ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଓ ଜିଲ୍ଲା ପ୍ରଶାସନଗୁଡିକ ବିଭିନ୍ନ କାର୍ଯ୍ୟସ୍ଥଳୀ, କାରଖାନା ଓ ସରକାରୀ କାର୍ଯ୍ୟାଳୟ ଇତ୍ୟାଦିରେ ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ଅନୁମତି ଦେବେ ।ଏହି ଏକୀକୃତ ସଂଶୋଧିତ ନିୟମାବଳୀ ରାଜ୍ୟ, କେନ୍ଦ୍ରଶାସିତ ଅଂଚଳ ବା ଜିଲ୍ଲା ପ୍ରଶାସନ ଦ୍ୱାରା ଘୋଷିତ ଆବଦ୍ଧାଂଚଳ ପାଇଁ ଲାଗୁ ହେବ ନାହିଁ । ଏହି ଆବଦ୍ଧାଂଚଳରେ ଯଦି କୌଣସି ନୂଆ ସ୍ଥାନ ଯୋଡି ହୁଏ, ତେବେ ଏହି ରିହାତି ସୁବିଧାଗୁଡ଼ିକୁ ନିଲମ୍ବିତ କରାଯିବ । କେବଳ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରଣିତ ନିୟମାବଳୀ ହିଁ ସେହି ଅଂଚଳରେ ଲାଗୁ ହେବ । କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ, ବିଭାଗ, ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଂଚଳ ପ୍ରଶାସନଗୁଡିକୁ ସଂଶୋଧିତ ନିୟମାବଳୀକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରିଛି ।

## ବିଳମ୍ବରେ ଓଡିଶା ଛୁଇଁବ ମୌସୁମୀ



ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)- ଚଳିତବର୍ଷ ମୌସୁମୀ ସ୍ୱାଭାବିକ ରହିବ । ଆସନ୍ତା ଜୁନରୁ ସ୍ୱାଭାବିକ ଭାବେ ମୌସୁମୀ ବର୍ଷା ହେବ । ତେବେ ଓଡିଶାକୁ ମୌସୁମୀ ଆସିବାକୁ ବିଳମ୍ବ ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଜୁନ୍ ୧୩ରେ ମୌସୁମୀ ଓଡ଼ିଶା ଛୁଇଁବା ସମ୍ଭାବନା ରହିଛି । ଚଳିତ ବର୍ଷ ବର୍ଷାର ପରିମାଣ ୯୬%ରୁ ୧୦୪% ମଧ୍ୟରେ ରହିବ ବୋଲି ଶ୍ରୀ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବିଭାଗୀୟ ସଚିବ ମାଧବନ ରାଜୀବନ କହିଛନ୍ତି, ଓଡ଼ିଶାକୁ ନିର୍ଦ୍ଧାରିତ ଦିନଠାରୁ ୩/୪ ଦିନ ବିଳମ୍ବରେ ମୌସୁମୀ ଆସିବ । କେରଳରେ ଜୁନ ୧ରେ ମୌସୁମୀ ପହଂଚିବା ପରେ ଓଡ଼ିଶାକୁ ଜୁନ୍ ୯/୧୦ ବଦଳରେ ୧୩ ସୁଦ୍ଧା ପହଂଚିବାର ସମ୍ଭାବନା ରହିଛି । ଓଡ଼ିଶା ସହ ଉତର ଭାରତକୁ ସାମାନ୍ୟ ବିଳମ୍ବରେ ମୌସୁମୀ ଆସିବ । ଉତର ପୂର୍ବାଂଚଳରେ ଧାର୍ଯ୍ୟ ସମୟ ଠାରୁ ଶୀଘ୍ର ମୌସୁମୀ ଆସିବ ବୋଲି ସୂଚନା ରହିଛି । ୧୫ ଜୁଲାଇ ବଦଳରେ ଜୁଲାଇ ୮ରେ ଉତର-ପୂର୍ବାଂଚଳ ଛୁଇଁବ ମୌସୁମୀ ବୋଲି ସେ କହିଛନ୍ତି ।

## ଅବରୋଧ ଅଂଚଳରେ ବାରମ୍ବାର ହେବ ପରୀକ୍ଷଣ

### ପ୍ରସ୍ତୁତ ରହିବାକୁ କହିଲେ ସରକାର

ଭୁବନେଶ୍ୱର, (ପିଏନ)- ଯେଉଁ ଅଂଚଳକୁ ଅବରୋଧ ଅଂଚଳ ଘୋଷଣା ହୋଇଛି ସେଠାରେ ଲୋକଙ୍କ ନମୂନା ବାରମ୍ବାର ପରୀକ୍ଷା ହେବ । ଲକ୍ଷଣ ନଥିଲେ ବି ପରୀକ୍ଷଣ ପାଇଁ ପ୍ରସ୍ତୁତ ରୁହନ୍ତୁ । ତାହା କଲେ ଆପଣ ଓ ଆପଣଙ୍କ ପରିବାର ସୁରକ୍ଷିତ ରହିପାରିବେ ବୋଲି ଏନଏଚଏମ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

ସେ କହିଛନ୍ତି ଯେ ଦେଶର ଅନ୍ୟ ରାଜ୍ୟ ମାନଙ୍କ ଅପେକ୍ଷା କରୋନା କ୍ଷେତ୍ରରେ ଓଡିଶାର ସ୍ଥିତି ଭଲ ରହିଛି । ଲକ୍ ଡାଉନ୍ ମାନିଥିବାରୁ ଆମେ ଏହାକୁ ମୁକାବିଲା କରିପାରିଛୁ । ଓଡିଶାରେ କୋଭିଡ୍ ଭୂତାଣୁ ଧିମା ଗତିରେ ବଢୁଛିଯେତେବେଳେ କି ଭାରତରେ ତୀବ୍ର ଗତିରେ ବଢୁଛି । କଷ୍ଟ ସହି ଲକ୍ ଡାଉନ୍ ପାଳନ କରିଥିବାରୁ ଏଥିପାଇଁ ଓଡିଶାବାସୀଙ୍କୁ ସମସ୍ତ ଶ୍ରେୟ ଯାଉଛି । ଆଗାମୀ ଦିନରେ ଆମର ଲକ୍ଷ୍ୟ ହେଉଛି ସମ୍ପୂର୍ଣ୍ଣ ଭାବେ କରୋନା ସଂକ୍ରମଣ ଶେଷ କରିବା । ସେ କହିଛନ୍ତି ଯେ ଓଡିଶାରେ ୧୦୦ ଟେଷ୍ଟରେ ପଜିଟିଭ୍ ରେଟ୍ ହେଉଛି ମାତ୍ର ୧.୦୮ ପ୍ରତିଶତ । ବର୍ତମାନର ସ୍ଥିତି ଦେଖିଲେ ୫୫୦୦ ଟି ସାମ୍ପଲ ଟେଷ୍ଟ ରୁ ମାତ୍ର ୬୦ ଟି ପଜିଟିଭ୍ ରହିଛି । ଅପରପକ୍ଷରେ ଦିଲ୍ଲୀରେ ଏହି ହାର ୧୧% ରହିଥିବା ବେଳେ ତାମିଲନାଡୁ ୯%, ମଧ୍ୟପ୍ରଦେଶ ୭ % ରହିଛି । ପରିସଂଖ୍ୟାନ ଦେଖିଲେ ଏହି ତାଲିକାରେ ଓଡିଶା ସବୁଠାରୁ ତଳେ ରହିଛି । ସଂକ୍ରମିତଙ୍କୁ ଚିହ୍ନଟ କରିବାପାଇଁ ସବୁ ଜିଲ୍ଲାରେ ଟେଷ୍ଟିଂ ଚାଲିଛି । ମାଲକାନଗିର ବଲାଙ୍ଗୀର ଆଦି ଜିଲ୍ଲାରେ ୨୦୦ରୁ ଅଧିକ ଟେଷ୍ଟ ହୋଇଛି । ଆଗକୁ ଆହୁରି ଅଧିକ ଟେଷ୍ଟ କରାଯିବ ।

ମୁଖ୍ୟତଃ ଯେଉଁମାନେ ବିଦେଶରୁ ଆସିଛନ୍ତି ବା ଯେଉଁମାନଙ୍କ ଠାରେ ଲକ୍ଷଣ ଦେଖାଦେଇଛି ସେମାନଙ୍କୁ ପରୀକ୍ଷା କରାଯାଉଛି । ତେବେ ବର୍ତମାନ ସୁଦ୍ଧା ଯେତିକି ପଜିଟିଭ୍ କେସ୍ ରହିଛି ସେମାନେ କିପରି ସଂକ୍ରମିତ ହେଲେ ତାହା ଉପରେ ଆମେ ନଜର ରଖିଛୁ । ପ୍ରାୟତଃ କେସ୍ ରେ ସଂକ୍ରମିତଙ୍କ ନିକଟତର ହୋଇଥିବାରୁ ଆକ୍ରାନ୍ତ ହୋଇଥିବା ଦେଖିବାକୁ ମିଳିଛି । ତେଣୁ ଅତି ଆବଶ୍ୟକ ନଥିଲେ ବାହାରକୁ ବାହାରନ୍ତୁ ନାହିଁ । ୬୦ ଟି କେସ୍ ମଧ୍ୟରୁ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଓ ଛୁଆ ଘରୁ ଆଦୌ ବାହାରି ନଥିଲେ ମଧ୍ୟ ସଂକ୍ରମିତ ହୋଇଛନ୍ତି । କାରଣ ତାଙ୍କ ଘର ଲୋକ ମାସ୍କ ନପିନ୍ଧି ବାହାରକୁ ଯାଇଛନ୍ତି ଓ ସାମାଜିକ ଦୂରତ୍ୱ ମାନିନାହାନ୍ତି । ତେଣୁ ସେମାନଙ୍କୁ ସଂକ୍ରମଣ ହୋଇଛି । ତେଣୁ ଲକ୍ ଡାଉନ୍ କୁ ମାନନ୍ତୁ ବୋଲି ଶ୍ରୀମତୀ ପଣ୍ଡିତ କହିଛନ୍ତି । ସେହିପରି ଆଇସିଏମଆର ର ଷ୍ଟଡି ଅନୁଯାୟୀ ଜଣେ ପଜିଟିଭ୍ ରୋଗୀ ମାସେ ଭିତରେ ୪୦୬ ଲୋକଙ୍କୁ ସଂକ୍ରମିତ କରିପାରିବେ । କିନ୍ତୁ ଲକ୍ ଡାଉନ୍ ଥିଲେ ତାଙ୍କ ଦ୍ୱାରା ମାତ୍ର ୨ ଜଣ ସଂକ୍ରମିତ ହେବେ । ସେହି ୨ ଜଣଙ୍କ ଚିହ୍ନଟ କରିପାରିଲେ ସଂକ୍ରମଣ ରୋକାଯାଇପାରିବ ।ବର୍ତମାନ ସୁଦ୍ଧା ଯେଉଁ ଶୃଙ୍ଖଳାର ସହ ଲକ୍ ଡାଉନ୍ କୁ ପାଳନ କରିଆସୁଛେ ତାହାକୁ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି ।

## ମାଗଣା ଗ୍ୟାସ ସିଲିଣ୍ଡର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ

ନୂଆଦିଲ୍ଲୀ ,(ପିଏନ)-କୋଭିଡ-୧୯ ମହାମାରୀ କାରଣରୁ ଦେଖାଦେଇଥିବା ସାମାଜିକ-ଅର୍ଥନୈତିକ ଚାପର ମୁକାବିଲା କରିବା ନିମନ୍ତେ ଆସନ୍ତା ୩ ମାସ ପାଇଁ ଉଜ୍ଜ୍ୱଳା ଯୋଜନା ଅଧୀନରେ ମାଗଣାରେ ଗ୍ୟାସ ସିଲିଣ୍ଡର ଦେବାକୁ ଭାରତ ସରକାର ଘୋଷଣା କରିଛନ୍ତି । ଏପ୍ରିଲ ପହିଲାରୁ ଜୁନ ୩୦, ୨୦୨୦ ପର୍ଯ୍ୟନ୍ତ ଏହି ସୁବିଧା ମିଳିବ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଏହି ସୁବିଧା ଯୋଗାଇ ଦିଆଯିବ । ୮ କୋଟି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନେ ମାଗଣାରେ ଘରୋଇ ଏଲପିଜି ସିଲିଣ୍ଡର ପାଇବେ । ଏହି ନିଷ୍ପତି ମଧ୍ୟ ନିଆଯାଇଛି ଯେ ଏପ୍ରିଲ ମାସର ସିଲିଣ୍ଡର ଭରିବା ଲାଗି ସମ୍ପୂର୍ଣ୍ଣ ଖୁଚୁରା ବିକ୍ରୟ ମୂଲ୍ୟ ବାବଦ ଅର୍ଥ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନଙ୍କ ଆକାଉଂଟକୁ ଅଗ୍ରୀମ ଜମା ଆକାରରେ ହସ୍ତାନ୍ତର କରାଯିବ । ଏହି ଅର୍ଥକୁ ସେମାନେ କେବଳ ସିଲିଣ୍ଡର କ୍ରୟ ପାଇଁ ବିନିଯୋଗ କରିବେ ।

ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ମାସିକ ଗୋଟିଏ ସିଲିଣ୍ଡର ଯୋଗାଇ ଦିଆଯିବ । ଗୋଟିଏ ରିଫିଲ ପାଇବାର ୧୫ ଦିନ ପରେ ଆଉ ଏକ ସିଲିଣ୍ଡର ପାଇବା ଲାଗି ହିତାଧିକାରୀମାନେ ବୁକିଂ କରିପାରିବେ । ଆଇଭିଆରଏସ କିମ୍ବା ପଞ୍ଜିକୃତ ମୋବାଇଲ ନମ୍ବରରେ ରିଫିଲ ବୁକିଂ କରାଯାଇପାରିବ । ଓଟିପି ଆଧାରିତ/ ଲାଟ-ଲଙ୍ଗ କ୍ୟାପଚର/ଅଣ୍ଡରଟେକିଂ ଜରିଆରେ, ଏହାଛଡ଼ା କ୍ୟାଶମେମୋ ସ୍ୱାକ୍ଷର ଏବଂ ଗ୍ୟାସ ଖାତାରେ ଉଲ୍ଲେଖ କରାଯାଇ ରିଫିଲ ସମ୍ପର୍କରେ ସୁନିଶ୍ଚିତ କରାଯିବ ।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସିଲିଣ୍ଡର ରିଫିଲ କରାଯିବାକୁ ଘୋଷଣା କରାଯିବା ପରଠାରୁ ବର୍ତମାନସୁଦ୍ଧା ତୈଳ ବିପଣନ କମ୍ପାନୀଗୁଡ଼ିକ ୭.୨୩ କୋଟି ଉପଭୋକ୍ତାମାନଙ୍କ ଆକାଉଂଟକୁ ପାଖାପାଖି ୫୬୬୩ କୋଟି ଟଙ୍କା ହସ୍ତାନ୍ତର କରିସାରିଲେଣି । ସେହିପରି ୧.୩୨ କୋଟି ମାଗଣା ଏଲପିଜି ରିଫିଲ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଇସାରିଛି ।

ସେହିପରି ଓଡ଼ିଶାରେ ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରଥମ ରିଫିଲ ବୁକିଂ ବାବଦକୁ ଉପଭୋକ୍ତାଙ୍କ ଆକାଉଂଟକୁ ୩୪୧ କୋଟି ଟଙ୍କା ଅଗ୍ରୀମ ହସ୍ତାନ୍ତର କରିସାରିଲେଣି । ୧୪ ଏପ୍ରିଲ ସୁଦ୍ଧା ଓଡ଼ିଶାରେ ଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ୫.୮୮ ଲକ୍ଷ ଏଲପିଜି ରିଫିଲ ଯୋଗାଇ ଦିଆଯାଇସାରିଛି ।

ତୈଳ ବିପଣନ କମ୍ପାନୀଗୁଡ଼ିକର ପଦକ୍ଷେପକୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି । ଏକ ଟ୍ୱିଟ ଜରିଆରେ ସେ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିଃ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିଃ ପକ୍ଷରୁ ନିଆଯାଇଥିବା ମାନବୀୟ ନିର୍ଣ୍ଣୟକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି, “ଏହି କଠିନ ପରିସ୍ଥିତିରେ ଆମ କର୍ମକର୍ତାମାନେ ଯେଉଁ ନିରନ୍ତର ସେବା ଯୋଗାଇ ଦେଉଛନ୍ତି ତା’କୁ ସମ୍ମାନ ଜଣାଇବା ଲାଗି ଏହି ଶୁଭକାମନା ଉଦ୍ଦିଷ୍ଟ । ଆମ କର୍ମଚାରୀମାନଙ୍କର ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା; ଏହି ସହାନୁଭୂତିଶୀଳ ପଦକ୍ଷେପ ଦେଶର କରୋନା ମୁକାବିଲାରେ ସହାୟକ ହେଉଥିବା ଆମ ଶ୍ରମଶକ୍ତିର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ।”

କରୋନା ମହାମାରୀର ଏହି ସଙ୍କଟପୂର୍ଣ୍ଣ ସମୟରେ ସହର ଓ ଗ୍ରାମାଂଚଳର ବହୁ ମହିଳା ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ମାଗଣାରେ ଗ୍ୟାସ ସିଲିଣ୍ଡର ପାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉଦାହରଣ ସ୍ୱରୂପ, ବାଲେଶ୍ୱର ପାତ୍ରପଡ଼ା ଗ୍ରାମର ଉଜ୍ଜ୍ୱଳା ହିତାଧିକାରୀ ଅମିତା ଦାସ ଏହି ସୁବିଧା ପାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଉ ଜଣେ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଅଂଚଳର ଭାନୁମତି ସାହୁ କହିଛନ୍ତି, ଲକଡାଉନ ସମୟରେ ଆମେ ବାହାରକୁ ଯାଇପାରୁନାହୁଁ । ଏଭଳି ଏକ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମକୁ ମାଗଣାରେ ଗ୍ୟାସ ସିଲିଣ୍ଡର, ବ୍ୟାଙ୍କ ଖାତାକୁ ଅର୍ଥ ହସ୍ତାନ୍ତର ଓ ଖାଦ୍ୟଶସ୍ୟ ଯୋଗାଇ ଦେଇଛନ୍ତି । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଶେଷ ଧନ୍ୟବାଦ ।

ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଅଧୀନ ତୈଳ ବିପଣନ କମ୍ପାନୀଗୁଡ଼ିକ ଯୁଦ୍ଧକାଳିନ ଭିତିରେ ଏହି କାର୍ଯ୍ୟ କରୁଥିବାରୁ ହିତାଧିକାରୀ, ଜନସାଧାରଣ, ଗଣମାଧ୍ୟମ ଏବଂ ଅନ୍ୟ ଅଂଶୀଦାରମାନେ ଏହାକୁ ପ୍ରଶଂସା କରିଛନ୍ତି । ତୈଳ କମ୍ପାନୀଗୁଡ଼ିକ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହିତ ଉପଭୋକ୍ତାଙ୍କୁ ଘର ପାଖରେ ଏଲପିଜି ସିଲିଣ୍ଡର ଯଥା ସମୟରେ ଯୋଗାଇ ଦେବା ନିମନ୍ତେ ବଟଲିଂ କ୍ଷମତା ଏବଂ ବିତରଣ ଭିତିଭୂମି ବୃଦ୍ଧି କରିଦେଇଛନ୍ତି ।




# ଶାରିରୀକ ଦୂରତ୍ୱ,ଦୃଢ ସାମାଜିକ ସଂହତି ପାଇଁ ଆମ୍ବେଦକର ଜୟନ୍ତୀରେ ସି.ପି.ଆଇ.(ଏମ୍)ର ଶପଥ ଗ୍ରହଣ

ଭୁବନେଶ୍ୱର, (ପିଏନ)- ଚଳିତ ବର୍ଷର ଆମ୍ବେଦକର ଜୟନ୍ତୀ ଅବସରରେ " ଶାରିରୀକ ଦୂରତ୍ୱ - ସାମାଜିକ ସଂହତି" ସୁଦୃଢ କରିବା ପାଇଁ ବାମପନ୍ଥୀ ଦଳମାନଙ୍କ ଆହ୍ୱାନକୁ ସି.ପି.ଆଇ.ଏମ୍. ରାଜ୍ୟ ଅଫିସ୍ ରେ ପାଳନ କରାଯାଇଛି । ଏପ୍ରିଲ ୧୪ ତାରିଖ ସନ୍ଧ୍ୟା ୫ଟା ବେଳେ ଲକ ଡାଉନ କଟକଣା ମଧ୍ୟରେ "ଶାରିରୀକ ଦୂରତା ରକ୍ଷା କରିବା ସହିତ, ଦୃଢ ସାମାଜିକ ସଂହତି ରକ୍ଷା କରିବା ପାଇଁ ଏକ ଶପଥ ପାଠ କରାଯାଇଥିଲା । ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଏହି ଶପଥ ପତ୍ରକୁ ପାଠ କରିଥିଲେ । "ଆମ୍ଭେ ବାବା ସାହେବ ଆମ୍ବେଦକରଙ୍କ ଦର୍ଶିତ ମାର୍ଗରେ ରଢିବାଦୀ, ଅନ୍ଧବିଶ୍ୱାସ, ଜନଗଣଙ୍କ ପ୍ରତି ପ୍ରତିକୂଳାତ୍ମକ ମନୋଭାବ ବିରୋଧରେ ଜନଗଣଙ୍କୁ ଶିକ୍ଷିତ କରିବାକୁ ଶପଥ କରୁଛୁ । ଏହା ସହ ବର୍ତମାନର ଲକ୍‌ଡାଉନ୍ ସମୟରେ ଜୀବନ ଜିବୀକା ଚଳାଇ ରଖିବା ପାଇଁ ଯେଉଁମାନେ ସାହାଯ୍ୟ ଆବଶ୍ୟକ କରୁଛନ୍ତି, ସେମାନଙ୍କୁ ବିନା ଦ୍ୱିଧାରେ , ସ୍ୱେଚ୍ଛାକୃତ ଭାବେ ସାହାଯ୍ୟ କରିବା ନିମନ୍ତେ ପ୍ରତିଶୃତିବଦ୍ଧ ହେଉଛୁ ।"ବାମପନ୍ଥୀ ଦଳମାନେ ଆହ୍ୱାନ ଦେଇଛନ୍ତି ଯେ "ସାମାଜିକ ଦୂରତ୍ୱ ନୁହେଁ ବରଂ ଶାରିରୀକ ଦୁରତା ଏବଂ ସାମାଜିକ ସଂହତି ରକ୍ଷା କରିବା ପାଇଁ ପଡିବ ।" ଶପଥ ପାଠ ପୂର୍ବରୁ ପୂର୍ବାହ୍ନ ୧୧ଟାରେ ବାବାସାହେବ ଆମ୍ବେଦକରଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସି.ପି.ଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ସୁରେଶ ପାଣିଗ୍ରାହୀ , ରାଜ୍ୟ କମିଟି ସଭ୍ୟ ଯତୀନ୍ ମହାନ୍ତି, ପ୍ରଣତୀ ସାହୁ , ରାଜକୁମାର ରଇତ ଓ ଅଫିସ୍ ର ଅନ୍ୟାନ୍ୟ କର୍ମକର୍ତାଗଣ ଅଂଶଗ୍ରହଣ କରିଥିଲେ ।

# ବରିଷ୍ଠ ଶ୍ରମିକ ନେତା ଡଃ ସୌରୀବଂଧୁ କରଙ୍କ ବିୟୋଗ

ଭୁବନେଶ୍ୱର,(ପିଏନ)-ଓଡ଼ିଶାର ବରିଷ୍ଠ ଶ୍ରମିକ ନେତା, ଆଗଧାଡିର ଜଣେ ସାହିତ୍ୟିକ ଏବଂ କମ୍ୟୁନିଷ୍ଟ ନେତା ଡଃ ସୌରୀବଂଧୁକରଙ୍କର ଗତକାଲି ରାତି ୧୦ଟା ବେଳେ ଭୁବନେଶ୍ୱରସ୍ଥିତ କିମ୍ସ ହସପିଟାଲରେ ବିୟୋଗ ଘଟିଛି । ଗତ ପିଛିଦିନ ଧରି ସେ ଉଦର ରୋଗରେ ପୀଡ଼ିତ ଥିଲେ, ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗତ ୯ ତାରିଖ ଦିନ ହସ୍ପିଟାଲରେ ଭର୍ତି ହୋଇ ଡାକ୍ତର ସୁବ୍ରତ ଆଚାର୍ଯ୍ୟଙ୍କ ଚିକିତ୍ସାଧୀନ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା । ତାଙ୍କର ତିନିପୁଅ ମଧ୍ୟରୁ ବଡ଼ପୁଅ ସୌଭାଗ୍ୟ ଦିଲ୍ଲୀଠାରେ ଭାରତୀୟ ସୂଚନା ସେବା ଅଧିକାରୀ ଭାବରେ କାର୍ଯ୍ୟରତ, ଦ୍ୱିତୀୟ ପୁଅ ସିଦ୍ଧାର୍ଥ ଭୁବନେଶ୍ୱର ବାରରେ ଜଣେ ଓକିଲ ଭାବରେ ଏବଂ ଝିଅ ସୁପ୍ରିୟା ଜଣେ ଅନୁବାଦିକା ଭାବରେ କର୍ମରତ ଅଛନ୍ତି ।

ଡଃ କର ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ଅନ୍ତର୍ଗତ ଖଣ୍ଡିତର ଗ୍ରାମରେ ୧୯୪୮ ଅପ୍ରେଲ ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତର ଶିକ୍ଷାଲାଭ କରି କାନାରା ବ୍ୟାଙ୍କରେ ଯୋଗଦେଇଥିଲେ । ସେ କାନାରା ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟ ସଭାପତି ଏବଂ ଏହାର ସର୍ବଭାରତୀୟ ଉପସଭାପତି ଭାବରେ ମଧ୍ୟ ନିର୍ବାଚିତ ହୋଇଥିଲେ । ଶ୍ରମିକ-କର୍ମଚାରୀ ସ୍ୱାର୍ଥ ପାଇଁ ସଂଗ୍ରାମ ପଥରେ ସେ ଅଖିଳ ଭାରତ ବ୍ୟାଙ୍କ କର୍ମଚାରୀ ସଂଘର ଓଡିଶାର ରାଜ୍ୟ ସଭାପତି ଏବଂ ଏଆଇଟିୟୁସିର ଜାତୀୟ ଉପସଭାପତି ଭାବରେ ନେତୃତ୍ୱକାରୀ ଭୂମିକାକୁ ଉନ୍ନୀତ ହୋଇଥିଲେ । ଦୀର୍ଘ ଦୁଇ ଦଶନ୍ଧିଧରି ସେ ବିଭିନ୍ନ ଶ୍ରମିକ-କର୍ମଚାରୀ ଆନ୍ଦୋଳନର ନେତୃତ୍ୱ ନେଇ ଏଆଇଟିୟୁସିର ରାଜ୍ୟ ସାଧାରଣ ସଂପାଦକ ଭାବରେ ନିର୍ବାଚିତ ହୋଇ ସାରା ରାଜ୍ୟରେ ଏହାର ସଂଗଠନ ଗଢ଼ିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ସେ ସଂଗଠିତ ଶ୍ରମିକ ଏବଂ ଅସଂଗଠିତ ଶ୍ରମିକ କର୍ମଚାରୀମାନଙ୍କର ସ୍ୱାର୍ଥରକ୍ଷା ନିମନ୍ତେ ଉତ୍ସର୍ଗୀକୃତଭାବରେ କାର୍ଯ୍ୟକରିବା ହେତୁ ରାଜ୍ୟ ସରକାର ତାଙ୍କୁ ଶ୍ରମ କର୍ମଣ ପୁରସ୍କାର ଓ ସମ୍ମାନ ପ୍ରଦାନ କରିଛନ୍ତି । ଶ୍ରମିକ, ବ୍ୟାଙ୍କ କର୍ମଚାରୀଠାରୁ ଆରମ୍ଭକରି ଶିଶୁ ଶ୍ରମିକଙ୍କୁ ଶୋଷଣମୁକ୍ତ କରିବା ପାଇଁ ଲଢ଼େଇ ଏବଂ ସାଲିସବିହୀନ ସଂଗ୍ରାମରେ ବିଶ୍ୱାସକରି ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ଓଡ଼ିଶାରେ ଏହାର ଜଣେ ଆଗଧାଡ଼ିର ନେତାଭାବରେ ପରିଚିତ ହୋଇଥିଲେ । ସିପିଆଇର ରାଜ୍ୟ ସଂପାଦକମଣ୍ଡଳୀ ସଦସ୍ୟ ଏବଂ ଜାତୀୟ ପରିଷଦର ସଭ୍ୟ ଭାବରେ ନିର୍ବାଚିତ ହେବାର ଗୌରବ ମଧ୍ୟ ଅର୍ଜନ କରିଥିଲେ । ତାଙ୍କର ବିୟୋଗରେ ସିପିଆଇ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଭଗବତୀ ଭବନ ଉପରେ ଲାଲ ପତାକାକୁ ଅର୍ଦ୍ଧ ନମୀତ କରାଯାଇ ୩ଦିନ ଧରି ଶୋକପାଳନ କରାଯାଉଛି ।ଡଃ କର ଓଡ଼ିଶାର ଜଣେ ଜଣାଶୁଣା ଲେଖକ, ସାହିତ୍ୟିକ ଏବଂ ସ୍ତମ୍ଭକାର ଭାବରେ ପରିଚିତ ଥିଲେ । ସେ ଅନେକ ପୁସ୍ତକ ମଧ୍ୟ ରଚନା କରି ସମ୍ମାନିତ ହୋଇଛନ୍ତି । ତନ୍ମଧ୍ୟରେ ମାନବତାର ମହାନ ତୀର୍ଥ, ପରମହଂସ ରାମକୃଷ୍ଣ, ରାଷ୍ଟ୍ରନିର୍ମାତା ନେହରୁ ପ୍ରଭୃତି ପୁସ୍ତକ ସାଙ୍ଗକୁ ନିଷ୍ପ୍ରଭ ଏକଲବ୍ୟ, ନରୋତମ ଷଡ଼ଙ୍ଗୀର ଡାଏରୀ ପ୍ରମୁଖ କଥାସଂଗ୍ରହ ଏବଂ ଶିଶୁ ସାହିତ୍ୟ ମ୍ନରେ ଦେଶପ୍ରେମୀ ବିବେକାନନ୍ଦ ଓ ବାବାସାହେବ ଆମ୍ବେଦକର ବେଶ ଆଦର ଲାଭ କରିଛି । ତାଙ୍କର ଉପନ୍ୟାସ 'ପ୍ରତିଧ୍ୱନୀ' ଏବଂ 'ଇଚ୍ଛମାର ପୁତ୍ର' ପ୍ରଭୃତି ସାହିତ୍ୟ ରଚନା କରି ସେ ସାହିତ୍ୟାନୁରାଗୀ ମାନଙ୍କ ମଧ୍ୟରେ ନିଜର ଏକ ପରିଚୟ ସୃଷ୍ଟି କରିଥିଲେ । ନୂତନ ଲେଖକମାନଙ୍କ ପୁସ୍ତକ ପ୍ରକାଶନକୁ ପ୍ରୋତ୍ସାହନ ଦେବା ପାଇଁ ତାଙ୍କର ସହଯୋଗରେ ଭୁବନେଶ୍ୱରରେ ଗଢ଼ିଉଠିଥିଲା ଲେଖକ ସମବାୟ ପ୍ରକାଶନୀ ସଂଘ । ତାଙ୍କର "ମାନବତାର ମହାନ ତୀର୍ଥ" ଭ୍ରମଣକାହାଣୀ ସମ୍ମିଳିତ ସାହିତ୍ୟକୃତି ପାଇଁ ୨୦୧୨ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ମିଳିଥିଲା । ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଉପରେ ଗବେଷଣା କରି ପିଏଚଡ଼ି ଲାଭକରିଥିଲେ । ବିଭିନ୍ନ ସମ୍ବାଦପତ୍ରରେ ସାମାଜିକ-ଆର୍ଥିକ ସମସ୍ୟା ଉପରେ ତାଙ୍କର ନିୟମିତ ଲେଖା ପ୍ରକାଶ ପାଉଥିଲା ।ଡଃ ସୌରୀବଂଧୁ କରଙ୍କ ବଡ଼ପୁଅ ସୌଭାଗ୍ୟ ଦିଲ୍ଲୀରୁ ବାହାରି ୧୫ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ପହଞ୍ଚିବେ । ୧୫ ତାରିଖଦିନ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନ ଏବଂ ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ଶେଷ ଦର୍ଶନ ପାଇଁ ତାଙ୍କର ପାର୍ଥୀବ ଶରୀରକୁ ଅଣାଯିବା ପରେ ତାଙ୍କର ଶେଷକୃତ୍ୟ ସମାପନ ହେବ ବୋଲି ଜଣାଯାଇଛି ।

ମୃତ୍ୟୁ ସଂବାଦ ପାଇ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଏବଂ ଏଆଇଟିୟୁସି ସାଧାରଣ ସମ୍ପାଦିକା ଅମରଜୀତ୍ କାଉର ଗଭୀର ଶୋକ ପ୍ରକାଶ ପୂର୍ବକ ତାଙ୍କର ବିୟୋଗ ଶ୍ରମିକ ଶ୍ରେଣୀ ଆନ୍ଦୋଳନ ପାଇଁ ଏକ ବଡ଼ଧରଣର କ୍ଷତି ବୋଲି କହିଛନ୍ତି । ସେହିପରି ସିପିଆଇ ର ପୂର୍ବତନ ସାଧାରଣ ସମ୍ପାଦକ ଏସ୍ ସୁଧାକର ରେଡ୍ଡୀ, ଜାତୀୟ ସମ୍ପାଦକ ଭାଲଚନ୍ଦ୍ର କାଙ୍ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଏଆଇଟିୟୁସି ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସଭାପତି ଅଶୋକ ଦାଶ, ଉପସଭାପତି ପ୍ରଶାନ୍ତ ପାଟଯୋଷୀ ଏବଂ ରାଜ୍ୟ ସହକାରୀ ସାଧାରଣ ସମ୍ପାଦକ ବିଜୟ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ତାଙ୍କର ଶୋକ ସନ୍ତପ୍ତ ପରିବାରବର୍ଗ ଏବଂ ପାର୍ଟି ତଥା ଏଆଇଟିୟୁସି ସଭ୍ୟମାନଙ୍କୁ ସମବେଦନା ଜଣାଇଛନ୍ତି ।

# ଲକ୍ ଡାଉନ୍ ବୃଦ୍ଧି ନିଷ୍ପତିକୁ ରାଜ୍ୟ ବିଜେପିର ସ୍ୱାଗତ

## ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ୭ ଟି ପରାମର୍ଶକୁ ପାଳନ କରିବା ପାଇଁ ରାଜ୍ୟବାସୀଙ୍କୁ ନିବେଦନ

ଭୁବନେଶ୍ୱର, (ପିଏନ)- କରୋନାକୁ ବିରୁଦ୍ଧରେ ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଲକଡାଉନକୁ ମେ ୩ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦେଇଛନ୍ତି । ଏହା ସହ ୨୧ ଦିନର ଲକ ଡାଉନକୁ ସମଗ୍ର ଦେଶବାସୀ ସମର୍ଥନ କରିଥିବାରୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି । ଦେଶରେ ଲକଡାଉନ ହେବା କାରଣରୁ କରୋନା ନିୟନ୍ତ୍ରଣାଧୀନ ରହିଛି । ଆଗାମୀ ଦିନରେ ଘରେ ସୁରକ୍ଷିତ ରହିଲେ କରୋନା ମହାମାରୀକୁ ଦେଶରୁ ହଟାଇପାରିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ପରିପ୍ରେକ୍ଷୀରେ ୭ ଟି ପରାମର୍ଶ ପାଳନ କରିବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଦେଶରେ ବୃଦ୍ଧି ହୋଇଥିବା ଲକଡାଉନ ନିଷ୍ପତିକୁ ରାଜ୍ୟ ବିଜେପି ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀଙ୍କ ୭ ଟି ପରାମର୍ଶକୁ ପାଳନ କଲେ ଆମେ ରାଜ୍ୟ ସମେତ ଦେଶରେ କରୋନା ବିରୁଦ୍ଧରେ ଚାଲିଥିବା ଲଢେଇରେ ବିଜୟୀ ହୋଇପାରିବା ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିବା ସହ ରାଜ୍ୟବାସୀଙ୍କୁ ଏହି ପରାମର୍ଶଗୁଡିକୁ ପାଳନ କରିବା ପାଇଁ ନିବେଦନ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ (୧)ସମସ୍ତେ ଘରର ବୟସ୍କ ବ୍ୟକ୍ତି ମାନଙ୍କର ଯତ୍ନ ନେବା, ଯଦି ସେମାନଙ୍କ ଠାରେ କିଛି ଅନ୍ୟ ରୋଗ ରହିଛି ତେବେ ସେମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା (୨) ସାମାଜିକ ଦୂରତା ବଜାୟ ରଖିବା ଏବଂ ସଦାସର୍ବଦା ଘରେ ତିଆରି ହୋଇଥିବା ମାସ୍କ ପରିଧାନ କରିବା (୩) ନିଜର ରୋଗ ପ୍ରତିଶେଧକ ଶକ୍ତି ବୃଦ୍ଧି କରିବା ପାଇଁ ଆୟୁଷ ମନ୍ତ୍ରଣାଳୟର ନିର୍ଦ୍ଦେଶକୁ ପାଳନ କରିବା (୪) କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ନିଜ ମୋବାଇଲରେ ଆରୋଗ୍ୟ ସେତୁ ଆପ ବ୍ୟବହାର କରିବା ଏବଂ ଅନ୍ୟ ଲୋକମାନଙ୍କୁ ବ୍ୟବହାର କରିବା ପାଇଁ ପ୍ରବର୍ତାଇବା (୫) ଗରିବ ପରିବାରର ଦେଖାଶୁଣା କରିବା ସହ ସେମାନଙ୍କର ଭୋଜନ ବ୍ୟବସ୍ଥା କରାଇବା (୬) ନିଜ ବ୍ୟବସାୟ, ଶିଳ୍ପ ସଂସ୍ଥାନ ଏବଂ ଆପଣଙ୍କ ସହ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପ୍ରତି ସମ୍ବେଦନଶୀଳ ହେବା ସହ କାହାକୁ ଚାକିରୀରୁ ବାହାର କରିବେ ନାହିଁ (୭) ଦେଶର କରୋନା ଯୋଦ୍ଧା ଯେପରି ଡାକ୍ତର, ନର୍ସ, ପୁଲିସ ଓ ସଫେଇ କର୍ମଚାରୀମାନଙ୍କୁ ପ୍ରତି ସମ୍ମାନ ଜଣାଇବା ଆଦି କାର୍ଯ୍ୟ କରିବା । ଏହି ୭ଟି ପରାମର୍ଶକୁ ପାଳନ କରି ଆମେ ଏକ କରୋନା ମୁକ୍ତ ସୁସ୍ଥ ସମାଜ ଗଠନ କରିପାରିବା ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ରାଜ୍ୟବାସୀଙ୍କୁ ଆହ୍ୱାନ ଦେବାକୁ ଯାଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ପୂର୍ବଭଳି ଏହି ଲକଡାଉନ ଅବଧିକୁ ଘରେ ରହି, ମାସ୍କ ପିନ୍ଧି ସାମାଜିକ ଦୂରତା ପାଳନ କରି କରୋନା ବିରୁଦ୍ଧରେ ଆମେ ସମସ୍ତେ ସଂଗ୍ରାମ କରିବା । ଏହା ସହ କରୋନା ଭୂତାଣୁ କୁ କୌଣସି ନୂଆ ଅଂଚଳରେ ଭର୍ତି କରିଦେବା ନାହିଁ ବୋଲି ଶପଥ କରିବା । ବିଶେଷ କରି ଯୁବକମାନେ ଏହି ସଙ୍କଟ ସମୟରେ ଦାୟୀତ୍ୱବାନ ଭାବେ କାର୍ଯ୍ୟ କରି ସମାଜର ସୁରକ୍ଷା କରନ୍ତୁ ।

## ଭିଡ଼ିଓ କନ୍‌ଫରେନ୍ସିଂରେ ସମୀକ୍ଷା କଲେ କୃଷି ମନ୍ତ୍ରୀ

# କୃଷିଉତ୍ପାଦର ଉଚିତ ମୂଲ୍ୟ ପାଇଁ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ



ଡଃ. ଅରୁଣ କୁମାର ସାହୁ

**ଭୁବନେଶ୍ୱର ,(ପିଏନ)-** କରୋନା ସଂକ୍ରମଣକୁ ମୁକାବିଲା କରିବା ଦିଗରେ ଓଡ଼ିଶା ସମେତ ସମଗ୍ର ଦେଶରେ ଲକଡାଉନ ଘୋଷଣା କରାଯାଇଛି । ତେବେ କୃଷି ଅର୍ଥନୀତିର ମେରୁଦଣ୍ଡ ହୋଇଥିବାରୁ ଓ ରାଜ୍ୟର ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି କାର୍ଯ୍ୟ ସହିତ ଜଡିତ ଥିବାରୁ କୃଷି କାର୍ଯ୍ୟକୁ ଲକଡାଉନ କଟକଣାରୁ କୋହଳ କରାଯାଇଛି । କୃଷି କ୍ଷେତ୍ରରେ ସାମାଜିକ ଦୂରତା ବଜାୟ ରଖି ସମସ୍ତ କୃଷି କାର୍ଯ୍ୟ, ଅମଳ ପରିବହନ ଓ ବିକ୍ରିବଟା କାର୍ଯ୍ୟ କରାଯିବ । ଏଥିପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି ଏବଂ ଏହି ମାର୍ଗଦର୍ଶିକା ଯେପରି ତୃଣମୂଳ ସ୍ତରରେ ପହଂଚି ପାରିବ ଏବଂ ଏହି ବିଶେଷ ପରିସ୍ଥିତିକୁ କିପରି ନିୟନ୍ତ୍ରଣରେ ଅଣାଯାଇପାରିବ ସେଥିପାଇଁ ପ୍ରତ୍ୟେକ ସ୍ତରରେ ତତ୍ପରତା ପ୍ରଦର୍ଶନ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ. ଅରୁଣ କୁମାର ସାହୁ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ଏକ ଭିଡିଓ କନଫରେନସିଂ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାରେ କୃଷି କ୍ଷେତ୍ରର ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ଏଥିରେ ସମସ୍ତ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ଏବଂ ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକମାନେ ଯୋଗଦେଇଥିଲେ । ରବି ଫସଲ ଅମଳ, ଖରିଫ ଚାଷ ଏବଂ କୃଷିଜାତ ଦ୍ରବ୍ୟର ବିକ୍ରିବଟା ଦିଗରେ ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ସତର୍କ ରହିବା ପାଇଁ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଯେପରି ଉଚିତ ମୂଲ୍ୟ ପାଇପାରିବେ ସେଥିପ୍ରତି କୃଷି ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । କୃଷି ସମ୍ବନ୍ଧୀୟ ସମସ୍ତ ସୂଚନା ଯେପରି ଚାଷୀମାନଙ୍କ ନିକଟରେ ସହଜରେ ଓ ସୁବିଧାରେ ପହଂଚିପାରିବ ସେଥିନିମନ୍ତେ ସୋସିଆଲ ମେଡ଼ିଆରେ ବହୁଳ ବ୍ୟବହାର ନିମନ୍ତେ ମନ୍ତ୍ରୀ ଡ. ସାହୁ କହିଥିଲେ । ପ୍ରତି ପଂଚାୟତରେ ୧୦୦ ରୁ ୨୦୦ ଚାଷୀମାନଙ୍କ ହ୍ୱାଟସଅପ୍ ଗ୍ରୁପ ଗଠନ କରି ସାରା ରାଜ୍ୟରେ ଅନ୍ତତଃ ପକ୍ଷେ ୧୦ ଲକ୍ଷ ଚାଷୀଙ୍କୁ କୃଷି ସୂଚନା ଯୋଗାଇଦେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ଚାଷୀମାନେ ବିଶେଷ କରି ପରିବା ଓ ଫଳଚାଷୀମାନେ ଯେପରି ସୁବିଧାରେ ବା ଉତ୍ପଦିତ ଦ୍ରବ୍ୟ ବିକ୍ରି କରିପାରିବେ ସେଥିନିମନ୍ତେ ସମ୍ପୃକ୍ତ କୃଷି ଅଧିକାରୀମାନେ ନିୟନ୍ତ୍ରିତ ବ ଜାର କମିଟି ଏବଂ ହୋଲସେଲର ଓ ଖୁଚୁରା ବିକ୍ରେତାଙ୍କ ସହିତ ନିୟମିତ ସମ୍ପର୍କରେ ରହିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଚାଷୀଠାରୁ ଖାଉଟି ପର୍ଯ୍ୟନ୍ତ ଉତ୍ପାଦିତ ଦ୍ରବ୍ୟ ଯେପରି ସୁବିଧାରେ ପହଂଚିପାରିବ ସେଥିନିମନ୍ତେ ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଫାର୍ମଫଣ୍ଡ ପ୍ରକଳ୍ପ ଏବଂ ସମସ୍ତ ଜଳ ବିଭାଜିକା ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା ।ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ସୌରଭ ଗର୍ଗ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡଃ ଏମମୁଥୁକୁମାର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପବନ କୁମାର ଅଗ୍ରୱାଲ, ମୃତିକା ସଂରକ୍ଷଣ ଓ ଜଳ ବିଭାଜିକାର ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଦେଶବ୍ୟାପୀ ଲକ୍‌ଡାଉନ୍ ଅବଧି ସମ୍ପ୍ରସାରଣ ଘୋଷଣାକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

**ନୂଆଦିଲ୍ଲୀ / ଭୁବନେଶ୍ୱର,(ପିଏନ)-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶକୁ ଦେଇଥିବା ସମ୍ବୋଧନରେ ଗୁରୁତ୍ୱପୂର୍ଣ୍ଣ ଦିଗ ତଥା କୋଭିଡ୍ ୧୯ ମହାମାରୀ ବିରୋଧରେ ଲଢ଼େଇ କରିବାର ମାର୍ଗ ଦେଖାଇଛନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ବକ୍ତବ୍ୟ ଦେଶରେ କରୋନା ମୁକାବିଲା କରିବାକୁ ଶକ୍ତି ଯୋଗାଇବ ଓ ସାମାଜିକ ବନ୍ଧନକୁ ଦୃଢ କରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଦେଶବ୍ୟାପୀ ଲକ୍ ଡାଉନ୍ ଅବଧି ମେ ୩ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଏହି ଅଦୃଶ୍ୟ ଶତ୍ରୁକୁ ଦୂର କରିବା ପାଇଁ ମଧ୍ୟ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।ସେହିପରି ପ୍ରଧାନମନ୍ତ୍ରୀଙ୍କ ୭ଟି ଦିଗକୁ ସମର୍ଥନ ଦେବାକୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଭାରତର ବିଜୟକୁ ନିଶ୍ଚିତ କରିବାକୁ ୭ଟି ଦିଗରେ ସମର୍ଥନ ଲୋଡ଼ିଛନ୍ତି ଯଥା ବରିଷ୍ଠଙ୍କ ଅଧିକ ଧ୍ୟାନ ରଖିବା, ଲକଡାଉନ୍ ଓ ସାମାଜିକ ଦୂରତାକୁ ପାଳନ କରିବା, ଘର ତିଆରି ମାସ୍କ ବ୍ୟବହାର କରିବା, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା, ଆରୋଗ୍ୟ ସେତୁ ଆପ୍ ଡାଉନଲୋଡ୍ କରିବା, ଗରିବଙ୍କୁ ଖାଇବାକୁ ଦେବା, କର୍ମଚାରୀଙ୍କ ପ୍ରତି ସହାନୁଭୂତି ଦେଖାଇବା ଏବଂ କରୋନା ଯୋଦ୍ଧାଙ୍କୁ ସମ୍ମାନ କରିବା । ଏହି ୭ଟି ପଦକ୍ଷେପ ଭାରତକୁ କେବଳ କୋଭିଡ୍ ଚ୍ୟାଲେଞ୍ଜ ବିରୁଦ୍ଧରେ ନିଜର ସ୍ଥିତି ବଜାୟ ରଖିବାରେ ସାହାଯ୍ୟ କରିବ ନାହିଁ ବରଂ ଦେଶର ସାମାଜିକ ବନ୍ଧନକୁ ମଜବୁତ୍ କରିବ ଓ ଲୋକଙ୍କ ମଧ୍ୟରେ ବନ୍ଧୁତାକୁ ମଧ୍ୟ ବଢ଼ାଇବ । ଏହି ସଂକଟକୁ ଆମେ ଏକ ରାଷ୍ଟ୍ର ଭାବରେ ଏକାଠୀ ସାମ୍ନା କରିଛୁ ଏବଂ ଆମେ ଏକାଠୀ କାର୍ଯ୍ୟ କରି ଆମେ ଆମର ବିଜୟକୁ ନିଶ୍ଚିତ କରିପାରିବା ବୋଲି ସେ କହିଛନ୍ତି । ଭାରତ ସରକାର, ରାଜ୍ୟ ସରକାର ଏବଂ ଆମର କରୋନା ଯୋଦ୍ଧା ଓ ୧୩୦ କୋଟିରୁ ଉର୍ଦ୍ଧ୍ୱ ନାଗରିକ ସମୂହଙ୍କ ଦ୍ୱାରା ନିଆ ।ଯାଇଥିବା ସକ୍ରିୟ ପଦକ୍ଷେପ ଏହା ସୁନିଶ୍ଚିତ କରିଛି ଯେ ଭାରତରେ କରୋନା ଭାଇରସର ସଂପ୍ରସାରଣ ନିୟନ୍ତ୍ରିତ ହୋଇଛି । ଦେଶର ନାଗରିକମାନେ ଶୃଙ୍ଖଳିତ ଭାବେ ଲକ୍ ଡାଉନକୁ ପାଳନ କରିବା ତଥା ସାମାଜିକ ଦୂରତାକୁ ଅନୁସରଣ କରିବା କାରଣରୁ ଦେଶରେ କରୋନା ଭାଇରସର ସଂପ୍ରସାରଣକୁ ରୋକାଯିବାରେ ଏକ ପ୍ରମୁଖ ଭୂମିକା ସାବ୍ୟସ୍ତ ହୋଇଛି ଶ୍ରୀ ପ୍ରଧାନ କହିଛନ୍ତି ।






Bhubaneswar Thursday, April 16,2020 ଭୁବନେଶ୍ୱର ଗୁରୁବାର ଅପ୍ରେଲ ୧୬,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବଲାଙ୍ଗୀର, ଫୁଲବାଣୀ ଓ ମୟୂରଭଞ୍ଜରେ କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ




**ଭୁବନେଶ୍ୱର,(ପିଏନ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ସମଗ୍ର ରାଜ୍ୟରେ ଗୋଟିଏ ପରେ ଗୋଟିଏ କୋଭିଡ୍-୧୯ ହସ୍ପିଟାଲ୍ ଖୋଲି ଚାଲିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ପ୍ରୋତ୍ସାହନ ତଥା ରାଜ୍ୟ ସରକାରଙ୍କ ପ୍ରୟାସ କ୍ରମେ କିମ୍ସ ଦାୟିତ୍ୱରେ ଦିଆଯାଇଥିବା କନ୍ଧମାଳ ଓ ବଲାଙ୍ଗୀର ଜିଲ୍ଲାରେ ୨ଟି କୋଭିଡ୍ ହସ୍ପିଟାଲ୍ ମଙ୍ଗଳବାରଠାରୁ କାର୍ଯ୍ୟକ୍ଷମ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ବୁଧବାରଠାରୁ ଗୋଟିଏ କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହୋଇଛି। କନ୍ଧମାଳରେ ୧୫୦ ଆଇସୋଲେସନ୍ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବଲାଙ୍ଗୀର ଓ ମୟୂରଭଞ୍ଜରେ ଯଥାକ୍ରମେ ୨ଶହ ଆଇସୋଲେସନ୍ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହୋଇଛି। ସୂଚନାଯୋଗ୍ୟ ଉଭୟ ବଲାଙ୍ଗୀର ଓ ମୟୂରଭଞ୍ଜ ଜିଲ୍ଲାରେ ନିକଟରେ ଉଦ୍‌ଘାଟିତ ହୋଇଥିବା କିସ୍‌ର ବିରାଟ କ୍ୟାମ୍ପସ୍‌ରେ ଏହି କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହୋଇଛି। ଏହି ଦୁଇ କ୍ୟାମ୍ପସ୍‌ରେ ପୂର୍ବରୁ ଏକ ଅତ୍ୟାଧୁନିକ ଡିସ୍‌ପେନ୍‌ସାରୀ ନିର୍ମାଣ କରାଯାଇଥିଲା। ଫୁଲବାଣୀରେ ୧୦ଶଯ୍ୟା ବିଶିଷ୍ଟ ଆଇସିୟୁ ଖୋଲିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ବଲାଙ୍ଗୀର ଓ ମୟୂରଭଞ୍ଜରେ ୨୦ ଶଯ୍ୟା ବିଶିଷ୍ଟ ଆଇସିୟୁ ଖୋଲିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ସବୁ କୋଭିଡ୍ ହସ୍ପିଟାଲ୍‌ର ଦାୟିତ୍ୱ କିମ୍ସ ନେଇଥିବା ବେଳେ ଏଥିରେ କାର୍ଯ୍ୟ କରିବା ପାଇଁ କିମ୍ସର ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ବାୟୋମେଡିକାଲ୍ ଇଞ୍ଜିନିୟର୍, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର, ହାଉସ୍‌କିପିଂ ଏବଂ ଅନ୍ୟାନ୍ୟ ପ୍ରାୟ ୫୦ରୁ ୬୦ଜଣ କର୍ମଚାରୀ ଭୁବନେଶ୍ୱରରୁ ଯାଇ ସେଠାରେ ଯୋଗ ଦେଇଛନ୍ତି। ପ୍ରତି ଜିଲ୍ଲାରେ ଜିଲ୍ଲା ପ୍ରଶାସନର ସହଯୋଗ କ୍ରମେ ଏହି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏକ ଦଳ ଗଠନ କରାଯାଇଛି ଓ ସେମାନେ ସେଠାରେ ରହି ହସ୍ପିଟାଲ୍ ପରିଚାଳନା କରୁଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, କିମ୍ସର ସିଇଓ ଡା. ବିଷ୍ଣୁ ପ୍ରସାଦ ପାଣିଗ୍ରାହୀଙ୍କ ପରାମର୍ଶ କ୍ରମେ ଏହି ହସ୍ପିଟାଲ୍ ପରିଚାଳିତ ହେଉଥିବା ବେଳେ କିମ୍ସର ଡେପୁଟି ରେଜିଷ୍ଟ୍ରାର ଦିଲିପ ପଣ୍ଡା ଉକ୍ତ ତିନୋଟି କୋଭିଡ୍ ହସ୍ପିଟାଲ୍‌ର ନୋଡାଲ୍ ଅଫିସର୍ ଭାବେ ନିଯୁକ୍ତ ହୋଇଛନ୍ତି। ହସ୍ପିଟାଲ୍‌ଗୁଡ଼ିକରେ ବ୍ୟାପକ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସୁବିଧା ରହିଥିବା ବେଳେ ପ୍ରତି କୋଭିଡ୍ ହସ୍ପିଟାଲ୍‌ରେ ହାଇ-ଏଣ୍ଡ ଆମ୍ବୁଲାନ୍‌ସ, ୨ଟି ଇନୋଭା ଗାଡ଼ି ଓ ୨୪ଘଣ୍ଟିଆ ବିଜୁଳି ବ୍ୟାକ୍‌ଅପ୍ ବ୍ୟବସ୍ଥା ରଖାଯାଇଛି। ୩ଟି ଯାକ କୋଭିଡ୍ ହସ୍ପିଟାଲ୍ ଖୋଲିବା ପାଇଁ କିମ୍ସକୁ ସୁଯୋଗ ଦେଇଥିବାରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ୩ଟି ଯାକ କୋଭିଡ୍ ହସ୍ପିଟାଲ୍‌ରେ ଯୋଗଦେବା ପାଇଁ ଡାକ୍ତର, ଅନ୍ୟ ପାରାମେଡିକାଲ୍ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଶ୍ରୀ ସାମନ୍ତ ଉତ୍ସାହିତ କରିବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥରାଶି ପ୍ରଦାନ



ବାଲେଶ୍ୱର(ପିଏନ)- କରୋନା ସଂକ୍ରମଣ ଜନିତ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ରାଶି ପ୍ରଦାନ କରାଯାଇଛି। ବାଲେଶ୍ୱର ସଦର ଆଙ୍କୋ ଅଂଚଳର ମା ବାସୁକି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ସଭାପତି ଶ୍ରୀମତୀ ସୁମତି ଭକ୍ତ, ସମ୍ପାଦିକା ଶ୍ରୀମତୀ ଜ୍ୟୋତ୍ସ୍ନା ରାଣୀ ବେହେରା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଜରିଆରେ ୧୧ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଜଳେଶ୍ୱର ପୌରାଂଚଳର ବାବା ସିଦ୍ଧେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଶ୍ରୀମତୀ ଦୀପ୍ତି ପଟ୍ଟନାୟକ, ସମ୍ପାଦିକା ଶ୍ରୀମତୀ ମାମୁନି ପରିଡାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟାମାନଙ୍କ ତରଫରୁ ୨୫୦୦ ଟଙ୍କାର ଅର୍ଥରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି। ଏଥି ସହିତ ସେମାନେ ସଫେଇ କର୍ମଚାରୀମାନଙ୍କୁ ମାସ୍କ, ଟିଫିନ ଓ ସାବୁନ ବଂଟନ କରିଛନ୍ତି। ସେହିପରି ବାଲେଶ୍ୱର ଈଶାନନଗର ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ସଭାପତି ମାଳତୀ ପୁଟି ଏବଂ ସମ୍ପାଦିକା ଭାରତୀ ଦାସ ୨ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମମାଳା ମିଶ୍ର, ମିଶନ ଶକ୍ତି ଡିପିସି ଶ୍ରୀ ବିଶ୍ୱଜିତ ପରିଡା, ସିଡିପିଓ ଶ୍ରୀମତୀ ଚିନ୍ତାମଣି ସିଂ, ବିପିସି ଶ୍ରୀମତୀ ଲୋପାମୁଦ୍ରା ପରିଡା, ଡିଏମଏସସି ଶ୍ରୀମତୀ ଯଜ୍ଞେଶ୍ୱରୀ ପଣ୍ଡା ପ୍ରମୁଖ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଏଭଳି କାର୍ଯ୍ୟର ପ୍ରଶଂସା କରିଛନ୍ତି।

# ରାସନ କାର୍ଡ ନଥିବା ଗରିବ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ କଂଗ୍ରେସର ଦାବି

**ରାଉରକେଲା, (ପିଏନ) :** ସମ୍ପ୍ରତି ଲକ୍‌ଡାଉନର ମିଆଦ ଆସନ୍ତା ମଇ ୩ ତାରିଖ ପର୍ଯ୍ୟନ୍ତ ବଢାଇ ଦିଆଯିବାରୁ ରାସନକାର୍ଡ ନଥିବା ଗରିବ, ଦିନ ମଜୁରିଆ ଓ ଅଭାବଗ୍ରସ୍ତ ଲୋକଙ୍କ ଖାଦ୍ୟ ସମସ୍ୟା ବଢି ଯାଇଛି ବୋଲି କଂଗ୍ରେସ ତରଫରୁ କୁହାଯାଇ ତୁରନ୍ତ ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଦାବି କରାଯାଇଛି। ଆଜି ତା-୧୫.୪.୨୦୨୦ରିଖରେ ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ ପ୍ରମୁଖ ରାଉରକେଲା ମହାନଗର ନିଗମ କମିଶନରଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଡେପୁଟି କମିଶନର ସୁଧାଂଶୁ ଶେଖର ଭୋଇଙ୍କୁ ସାକ୍ଷାତ କରି ମହାନଗର ନିଗମ ଅଞ୍ଚଳର ବିନା କାର୍ଡଧାରୀ, ଗରିବ, ଅଭାବଗ୍ରସ୍ତଙ୍କ ସାମ୍ପ୍ରତିକ ଅବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। କଂଗ୍ରେସ ନେତୃବୃନ୍ଦ ଏହି ଅବସରରେ ରାସନ କାର୍ଡ ନଥିବା ଗଙ୍ଗାଧରପାଲ୍ଲୀ, ସିଭିଲ୍ ଟାଉନସିପ୍ ବସ୍ତି, ମାଲଗୋଦାମ, ଗୋପବନ୍ଧୁପାଲ୍ଲୀ, ନୟାବଜାର, ଭବାନୀପୁର, ଉତ୍ତମ ବସ୍ତି ଓ ବନ୍ଧମୁଣ୍ଡା ଡି କେବିନ ଅଞ୍ଚଳର ଗରିବ, ଦିନ ମଜୁରିଆ ଶ୍ରେଣୀ ଲୋକମାନଙ୍କ ଏକ ତାଲିକା ଡେପୁଟି କମିଶନଙ୍କୁ ପ୍ରଦାନ କରି ସେମାନଙ୍କୁ ତୁରନ୍ତ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଦାବି କରିଛନ୍ତି। ଡେପୁଟି କମିଶନର ଶ୍ରୀ ଭୋଇ ଆବଶ୍ୟକୀୟ ଅନୁଧ୍ୟାନ କରି ସେମାନଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ କଂଗ୍ରେସର ଦାବି ପରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଝାରତରଙ୍ଗ ଓ ଜଗଦା ପଞ୍ଚାୟତର ଦୁସ୍ଥ ଅଭାବଗ୍ରସ୍ତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିଥିବାରୁ କଂଗ୍ରେସ ନେତୃବୃନ୍ଦ ସେଥିପାଇଁ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସମ୍ପ୍ରତି ବଣ୍ଟନ ହେବାକୁ ଯାଉଥିବା ନିର୍ମାଣ ଶ୍ରମିକ ସହାୟତା ରାଶିକୁ ନେଇ ଶାସକ ଦଳର ୱାର୍ଡସ୍ତରୀୟ କର୍ମକର୍ତ୍ତା ଲୋକଙ୍କୁ ବିଭ୍ରାନ୍ତ କରୁଥିବାରୁ କଂଗ୍ରେସ ନେତୃବୃନ୍ଦ ଉଦ୍‌ବେଗ ପ୍ରକାଶ କରି ସେମାନେ କିପରି ହିତାଧିକାରୀଙ୍କ ତାଲିକା ପାଇଲେ ବୋଲି ପ୍ରଶ୍ନ କରିଥିଲେ। ତେବେ ଆର୍‌ଏମ୍‌ସି ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତାଲିକା ପାଇନଥିବା ବେଳେ ତଳ ସ୍ତରରେ ତାଲିକା ପହଞ୍ଚିବାକୁ ନେଇ ଡେପୁଟି କମିଶନର ବିସ୍ମୟ ପ୍ରକାଶ କରିଥିଲେ। ଯେପରି ଏହି ସହାୟତା ରାଶି ବଣ୍ଟନରେ ରାଜନୀତିକରଣ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କଂଗ୍ରେସ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ପୁନଶ୍ଚ ଆର୍‌ଏମ୍‌ସି ତରଫରୁ ଗତ ୨୦୧୭ରେ କରାଯାଇଥିବା ସର୍ଭେ ଅନୁଯାୟୀ ଯେଉଁ ୨୬୭୦ ଉଠା ଦୋକାନୀ ଓ ବୁଲା ବିକାଳୀଙ୍କୁ ଜଣକା ୩ ହଜାର ଟଙ୍କା କରି ସହାୟତା ରାଶି ଯୋଗାଇ ଦିଆଯାଇଛି ଅଦ୍ୟାବଧି ତାହା ଅନେକ ହିତାଧିକାରୀଙ୍କ ଖାତାରେ ପହଞ୍ଚି ନଥିବାରୁ ଆର୍‌ଏମ୍‌ସିର ୱେବସାଇଟରେ ସମସ୍ତ ହିତାଧିକାରୀଙ୍କ ନାମ ତାଲିକା ପ୍ରକାଶ କରିବା ପାଇଁ କଂଗ୍ରେସ ନେତୃବୃନ୍ଦ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ଡେପୁଟି କମିଶନର ଗ୍ରହଣ କରି ହିତାଧିକାରୀଙ୍କ ନାମ ତାଲିକା ତୁରନ୍ତ ଆର୍‌ଏମ୍‌ସି ୱେବସାଇଟ୍‌ରେ ପ୍ରକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆହୁରି ମଧ୍ୟ ବିଭିନ୍ନ ଦୂରାରୋଗରେ ପୀଡିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସାହାଯ୍ୟ ପାଇଁ ମହାନଗର ନିଗମକୁ ଆବେଦନ କରିଥିବା ପୀଡିତଙ୍କ ଦରଖାସ୍ତଗୁଡିକୁ ତୁରନ୍ତ ବିଚାର କରି ସହାୟତା ରାଶି ଯୋଗାଇ ଦେବାକୁ ନେତୃବୃନ୍ଦ ଦାବି କରିଥିଲେ। ସେହିପରି ରାଉରକେଲା ଇସ୍ପାତ ସହରାଞ୍ଚଳରେ ବିନା କାର୍ଡଧାରୀ ଅଭାବଗ୍ରସ୍ତ ଗରିବ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ନେତୃବୃନ୍ଦ ଦାବି କରିବାରୁ ସେ ସମ୍ପର୍କରେ ରାଉରକେଲା ଇସ୍ପାତ କାରଖାନାର ସହରସେବା ବିଭାଗକୁ ଅନୁରୋଧ କରାଯାଇଛି ଏବଂ ସେମାନେ ରନ୍ଧାଖାଦ୍ୟ ବିତରଣ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଡେପୁଟି କମିଶନର ପ୍ରକାଶ କରିଥିଲେ। ତେବେ ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଶ୍ରୀ ତିର୍କୀ ଟେଲିଫୋନ ଯୋଗେ ତାଙ୍କୁ ସମସ୍ତ ବିଷୟ ଅବଗତ କରାଇ ରିଲିଫ୍ କାର୍ଯ୍ୟରେ ପକ୍ଷପାତ, ବାଛବିଚାର ଓ ଅସଙ୍ଗତି ନ ହେବା ଉଚିତ୍ ବୋଲି କହି ଏ ଦିଗରେ ଆବଶ୍ୟକୀୟ ଦୃଷ୍ଟି ଦେବାକୁ ଦାବି କରିଥିଲେ।

# ଓଡ଼ିଶାରେ କୋଭିଡ୍-୧୯ ବିରୋଧୀ ଲଢ଼େଇ ପାଇଁ ଟିଭିଏସ୍ ମୋଟର କଂପାନି ଡିଲରଙ୍କ ସହାୟତା



**ଭୁବନେଶ୍ୱର, (ପିଏନ):** ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବେ ସାରା ଦେଶରେ କୋଭିଡ୍-୧୯ ବିଶ୍ୱ ମହାମାରୀର ମୁକାବିଲା ଲାଗି ନିରନ୍ତର ଉଦ୍ୟମ ଜାରି ରଖିଥିବା ସରକାରଙ୍କ ସହିତ ଏକସଙ୍ଗେ ଠିଆ ହେବା ଲାଗି ଟିଭିଏସ୍ ମୋଟର୍ କଂପାନି ପ୍ରତିବଦ୍ଧ। ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସମୃଦ୍ଧିକୁ ନିଶ୍ଚିତ କରିବାର ଦର୍ଶନ ଅନୁଯାୟୀ, ଟିଭିଏସ୍ ମୋଟର କଂପାନିର ଡିଲରସିପ୍‌ଗୁଡ଼ିକ ସେମାନଙ୍କ ଆଖପାଖରେ କୋଭିଡ୍-୧୯ ବ୍ୟାପିବାକୁ ରୋକିବା ଲାଗି ଅନେକ ପ୍ରକାର ପ୍ରତ୍ୟକ୍ଷ ପଦକ୍ଷେପ ଗ୍ରହଣ କରୁଛନ୍ତି। ଟିଭିଏସ୍ ମୋଟର କଂପାନିର ପ୍ରମୁଖ ଡିଲର ଗୀତା ମୋଟର୍ସ, ଜଗତସିଂହପୁର ତରଫରୁ ଜଗତସିଂହପୁର ଅଂଚଳରେ ସ୍ଥାନୀୟ ଲୋକମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି। ବିଶ୍ୱାସ, ମୂଲ୍ୟବୋଧ, ଗ୍ରାହକଙ୍କ ପାଇଁ ଆବେଗ ଓ ନିର୍ଦ୍ଦିଷ୍ଟତାର ୧୦୦ ବର୍ଷର ଗଭୀର ପରମ୍ପରାକୁ ନେଇ ଆମେ ନୂତନତ୍ୱ ଏବଂ ନିରନ୍ତର ପ୍ରକ୍ରିୟା ଜରିଆରେ ଉଚ୍ଚ ଗୁଣାତ୍ମକ ମାନର ଆନ୍ତର୍ଜାତିକ ଅଭିଳାଷୀ ଉତ୍ପାଦ ପ୍ରସ୍ତୁତ କରୁଥିବାରୁ ଗର୍ବିତ। ୬୦ଟି ଦେଶରେ ଥିବା ଆମର ସମସ୍ତ ଟଚ ପଏଂଟ୍‌ରେ ଆମେ ଉତ୍କୃଷ୍ଟ ମାନର ଗ୍ରାହକ ଅନୁଭୂତି ପ୍ରଦାନ କରିବାକୁ ଉଦ୍ୟମ କରୁଛୁ। ଆମେ ହେଉଛି ଏକ ମାତ୍ର ଦୁଇଚକିଆ ଯାନ କଂପାନି ଯାହା ସମ୍ମାନଜନକ ଡେମିଂ ପୁରସ୍କାର ହାସଲ କରିଛି। ବିଗତ ପାଂଚ ବର୍ଷରେ ଜେଡି ପାୱାର ଆଇକ୍ୟୁଏସ୍ ଓ ଅପିଲ୍ ସର୍ଭେରେ ବିଭିନ୍ନ ବର୍ଗରେ ଆମ ଉତ୍ପାଦଗୁଡ଼ିକ ଅଗ୍ରଣୀ ରହିଛି। କ୍ରମାଗତ ତୃତୀୟ ବର୍ଷ ପାଇଁ ଆମେ ଜେଡି ପାୱାର ଗ୍ରାହକ ସେବା ସନ୍ତୁଷ୍ଟି ସର୍ଭେରେ ଏକ ନମ୍ବର କଂପାନିର ର୍‍ୟାଙ୍କ ହାସଲ କରୁଛୁ।

# ହୋଲ୍ଡିଂ ଟାକ୍ସ ଆଦାୟକୁ ତିନି ମାସ ଘୁଂଚାଇଲେ ସରକାର

ଭୁବନେଶ୍ୱର,(ପିଏନ)- କରୋନା ଭାଇରସ କାରଣରୁ ରାଜ୍ୟ ସରକାର ହୋଲ୍ଡିଂ ଟାକ୍ସ ଆଦାୟକୁ ତିନି ମାସ ଘୁଂଚାଇ ଦେଇଛନ୍ତି। ଏ ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମ୍ୟୁନିସିପାଲ କମିଶନର ଓ ଏକ୍‌ଜିକ୍ୟୁଟିଭ ଅଫିସର ମାନଙ୍କୁ ପତ୍ର ଲେଖା ଯାଇଛି।

ମ୍ୟୁନିସିପାଲ ଆଡମିନିଷ୍ଟ୍ରେସନର ନିର୍ଦ୍ଦେଶକ ସମସ୍ତ ମ୍ୟୁନିସିପାଲ କମିଶନର ଓ ଏକ୍‌ଜିକ୍ୟୁଟିଭ ଅଫିସର ମାନଙ୍କୁ ପତ୍ର ଲେଖି କହିଛନ୍ତି ଯେ କରୋନା କାରଣରୁ ହୋଲ୍ଡିଂ ଟାକ୍ସ ଆଦାୟକୁ ତିନି ମାସ ଘୁଂଚାଇ ଦିଆ ଯାଇଛି। ୩୧ ମାର୍ଚ୍ଚ ପର ଠାରୁ ହୋଲ୍ଡିଂ ଟାକ୍ସ ବିଳମ୍ବରେ ଦେଲେ କୌଣସି ପ୍ରକାର ଜୋରିମାନା ଲାଗୁ ହେବ ନାହିଁ।

# ଅନଲାଇନରେ ଶିକ୍ଷାଦାନ ଛାତ୍ରଛାତ୍ରୀଙ୍କ ଦ୍ୱାରା କେତେ ଗ୍ରହଣୀୟ ?

ପ୍ରସ୍ତୁତି – ଡ଼ି ଶୁଭମ୍

**କରୋନା–ଏବ ସବୁଆଡ଼େ ଏହାକୁ ନେଇ ତର୍କ ଆଉ ବିତର୍କ। କରୋନା ଏବେ ସମଗ୍ର ବିଶ୍ୱକୁ ଏକ ପ୍ରକାର ଚିନ୍ତାରେ ପକାଇଦେଇଛି। ସବୁଆଡ଼େ ଏବେ ଆଶଙ୍କାର ବାତାବରଣ। ଆତଙ୍କର ଆବରଣରେ ଦିନ କାଟୁଛି ମଣିଷ। ସବୁକିଛି ଆଜି ନିସ୍ତବ୍ଧ। ସାରା ଭାରତ ଆଜି ଲକଡ଼ାଉନ। ତାଲାବନ୍ଦ ଜୀବନ ଜୀଉଁଛନ୍ତି ସାରା ଭାରତବାସୀ। କରୋନା ମହାମାରୀର କାୟା ଏବେ ବିସ୍ତାର କରି ଚାଲୁଥିବା ସମୟରେ ଏହା ସାଧାରଣ ଜୀବନକୁ ଖୁବ ଅଧିକ ଭାବେ ପ୍ରବାହିତ କରିଛି। ତେବେ ହଠାତ୍ ଭାରତରେ ଲକଡ଼ାଉନ ହେବା ଯୋଗୁଁ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ହୋଇଥିଲା। ତେବେ ଶିକ୍ଷା ଯିଏ ଜୀବନର ଗତିପଥକୁ ବଦଳାଏ, ସେଥିରେ ଅସୁବିଧା ଉପୁଜିଲେ ନିଶ୍ଚୟ ଭାବରେ ଛାତ୍ରଜୀବନ ପ୍ରଭାବିତ ହେବା ସ୍ୱାଭାବିକ। ଏହାକୁ ଦୃଷ୍ଟରେ ରଖି ବର୍ତ୍ତମାନ ପ୍ରାୟ ସବୁ ଶିକ୍ଷାନୁଷ୍ଠାନ ମାନଙ୍କରେ ଅନଲାଇନ ପାଠ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ତେବେ ଅନଲାଇନ ଶିକ୍ଷାଦାନ ଜରିଆରେ ଶିକ୍ଷକ ମାନେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଏହି ଅନଲାଇନ ପାଠପଢ଼ା କେତେଦୂର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗ୍ରହଣ ହୋଇପାରିଛି ତାହା ହିଁ ଦେଖିବାର ସମୟ। ଏହି ଉପକ୍ରମରେ ଆମେ କେତେକ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କର ମତାମତ ଲୋଡ଼ିଥିଲୁ .....**



ଏହି ଘଡ଼ିସନ୍ଧି ସମୟରେ ଦେଶର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିଥିବା ସମୟରେ ଅନଲାଇନରେ ଶିକ୍ଷା ବ୍ୟବସ୍ଥା ନିଶ୍ଚିତ ଭାବରେ ଏକ ବଡ଼ ପଦକ୍ଷେପ। ଯାହା ଦ୍ୱାରା ଛାତ୍ରଛାତ୍ରୀ ମାନେ ଘରେ ରହି ପାଠ ପଢ଼ିବା ସହ ପରୀକ୍ଷା ମଧ୍ୟ ଦେଇପାରିବେ। ଏହା ନିଶ୍ଚିତ ରୂପେ ଏକ ବୈଷୟିକ ଓ ପ୍ରଯୁକ୍ତିବିଦ୍ୟାର ପ୍ରକୃତ ବ୍ୟବହାର ବୋଲି ଆମେ କହିପାରିବା। ପରନ୍ତୁ ଏହା ଦ୍ୱାରା ବ୍ୟବହାରିକ ଶିକ୍ଷାର ଅଭାବ ରହିବ। ଭାରତର ବହୁତ ଅଂଚଳ ଅଛି ଯେଉଁଠାରେ ଆଜିବି ଠିକ ଭାବେ ବିଜୁଳି କିମ୍ବା ନେଟୱାର୍କ ଠିକ ଭାବେ ଉପଲବ୍ଧ ହୋଇପାରୁନାହିଁ। ସେପରି କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ବିଫଳ ଅଟେ।

**ଚିନ୍ମୟ ଜେନା, ସହକାରୀ ପ୍ରାଧ୍ୟାପକ
କୃଷି ମହାବିଦ୍ୟାଳୟ , ପାରଳାଖେମୁଣ୍ଡି**



ମୋ ମତରେ ଏହା କେତେକ କ୍ଷେତ୍ରରେ ଗ୍ରହଣୀୟ। ଯଦି ଆମେ ନିଜ ବୈଷୟିକ ଦୃଷ୍ଟିକୋଣରୁ ବିଚାର କରିବା , ତାହେଲେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହା ଭିତରେ ଅନେକ କିଛି ଅସୁବିଧା ଏବେ ଆମେ ଅନୁଭବ କରୁଛୁ। ଯେପରିକି ନେଟୱାର୍କର ଅସୁବିଧା , ଠିକ୍ ଭାବରେ ପ୍ରଶ୍ନୋତ୍ତର ହୋଇପାରୁନାହିଁ। ଏହା ଦ୍ୱାରା ଠିକ ଭାବରେ ପାଠ ବି ବୁଝି ହୋଇପାରୁନି। ଯଦି ଏହାକୁ ଆହୁରି ବୁଝିବା ଦିଗରେ ଚିନ୍ତା କରାଯାଆନ୍ତା , ତାହେଲେ ଆମେ ଉପକୃତ ହୋଇପାରନ୍ତୁ। ଅନ୍ୟ ପକ୍ଷରେ ଆମେ କ୍ଲାସରୁମ ପାଠପଢ଼ା ସହ ଅଧିକ ଜଡ଼ିତ ହୋଇଥିବାରୁ ଏହାକୁ ସଙ୍ଗେସଙ୍ଗେ ଗ୍ରହଣ କରିବା କଷ୍ଟକର ହେଉଛି।

**ଅଭିନନ୍ଦା ନାୟକ, ଛାତ୍ରୀ**



ଶିକ୍ଷା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏବେ ଦେଶରେ ଯେଉଁପରି ଭାବେ କରୋନା ବ୍ୟାପିଛି , ସେଥିପାଇଁ ବିଦ୍ୟାର୍ଥୀ ମାନେ ଅନେକ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି। ତେବେ ଏ କ୍ଷେତ୍ରରେ ଅନଲାଇନ ପାଠ୍ୟକ୍ରମ ଏକ ସୁନ୍ଦର ପରିକଳ୍ପନା। ଏହା ଦ୍ୱାରା ଆମେ ପାଠପଢ଼ା ସହ ସବୁଦିନ ସମ୍ପର୍କ ରଖିପାରୁଛୁ। ତେବେ ଏହାକୁ ଯଦି ଛାତ୍ରଛାତ୍ରୀଙ୍କ ପାଇଁ ଆହୁରି ସରଳୀକରଣ କରାଯାଇପାରନ୍ତା , ତାହେଲେ ଅନେକ ଉପକୃତ ହୋଇପାରନ୍ତେ।

**ବିଜ୍ଞାନ ମିହିର ରାଉତ, ସଭାପତି(ସେଂଚୁରିଆନ
ବିଶ୍ୱବିଦ୍ୟାଳୟ , କୃଷି ସଂଗଠନ)**



କରୋନା ଜନିତ ଘଡ଼ିସନ୍ଧି ମୁହୂର୍ତ୍ତରେ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହ ଦେଶ ଏକ ପ୍ରକାର ତାଲାବନ୍ଦ ସ୍ଥିତିରେ ଅଛି। ଏହା ନିମ୍ନ ଶିକ୍ଷା ବ୍ୟବସ୍ଥା ସହ ଉଚ୍ଚ ସ୍ତରୀୟ ଶିକ୍ଷା ଯଥା ସ୍ନାତକଶିକ୍ଷାକୁ ବେଶୀ ପ୍ରଭାବ ପକାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଅନଲାଇନ ପାଠ୍ୟକ୍ରମକୁ ଆପଣେଇଛନ୍ତି। କିନ୍ତୁ ଏହି ଅନଲାଇନ ଶିକ୍ଷାବ୍ୟବସ୍ଥା କେବେ ଶ୍ରେଣୀଗୃହ ପାଠକ୍ରମ ସହ ତୁଳନା କରାଯାଇପାରିବନି। ଏହା କେବଳ ସ୍ୱଳ୍ପ ସମୟ ପାଇଁ ଠିକ। ଯଦିଓ ଚିତ୍ର ଓ ଶବ୍ଦକୁ ଅନଲାଇନ ମାଧ୍ୟମରେ ସମ୍ପ୍ରାରଣ କରାଯାଇପାରୁଛି ତଥାପି ଏହା ଗୁରୁ , ଶିଷ୍ୟର ଉନ୍ନତ ଶିକ୍ଷାଯୋଗ୍ୟ ବାତାବରଣ ସୃଷ୍ଟି କରିବାରେ ଅସମର୍ଥ। ତେବେ ବୈଷୟିକ ଜ୍ଞାନକୁ ଧନ୍ୟବାଦ ଦେଇ ଏପରି ଏକ ଜଟିଳ ସମୟରେ ଅନଲାଇନ ଶିକ୍ଷାକୁ ପ୍ରୋତ୍ସାହନ କରିବା ଉଚିତ୍।

**ଦୀପାୟନ ପାଢ଼ୀ , ପ୍ରାଧ୍ୟାପକ(କୀଟତତ୍ତ୍ୱ ବିଭାଗ )**



ମୋ ମତରେ ଅନଲାଇନ ପାଠ୍ୟକ୍ରମ ଠିକ ଅଛି କିନ୍ତୁ ଏହା ମାଧ୍ୟମରେ ଘରେ ରହି ପରୀକ୍ଷା ଦେବାରେ ନିହାତି ଭାବେ ଆମକୁ ଅସୁବିଧା ହେବ। ଯେଉଁଠାରେ ନେଟୱାର୍କ ଅସୁବିଧା ରହୁଛି ସେପରି ସ୍ଥାନରେ ପାଠ ବି ଠିକ ଭାବେ ପଢ଼ିହେଉନି। ତେଣୁ ଆମେ ମଧ୍ୟ ଅସୁବିଧାରେ ସମ୍ମୁଖୀନ ହେଉଛୁ। ତେବେ ଏଦିଗରେ ଅଧିକ ଚିନ୍ତା କରାଗଲେ ଆମେ ଉପକୃତ ହେବା ସହ ଠିକ ଭାବେ ପାଠକୁ ବୁଝିପାରିବୁ। ତେବେ ଶ୍ରେଣୀଗୃହ ପାଠ୍ୟକ୍ରମ ଓ ଏ ଅନଲାଇନ ପାଠପଢ଼ା ଭିତରେ ଅନେକ ତଫାତ ରହିଛି।

**ପ୍ରିୟବ୍ରତ ସାମଲ , ଛାତ୍ର**

# କୋଭିଡ-୧୯ ମହାମାରୀ ଲକ୍‌ଡାଉନ ପରବର୍ତ୍ତୀ ସମୟରେ ପିଲାମାନଙ୍କୁ ପ୍ରତିଷେଧକ ଟିକା ଅଗ୍ରାଧିକାର ଭିତ୍ତିରେ ପ୍ରଦାନ ପାଇଁ ତତ୍ପର ପଦକ୍ଷେପ ଗ୍ରହଣ କରିବାକୁ ବିଶେଷଜ୍ଞଙ୍କ ଆହ୍ୱାନ

ଭୁବନେଶ୍ୱର: କୋଭିଡ-୧୯ ରୂପରେ ଭାରତ ଏବଂ ସମୁଦାୟ ବିଶ୍ୱ ସମ୍ପ୍ରତି ଏକ ଅପ୍ରତ୍ୟାଶିତ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟଗତ ଜରୁରୀ ପରିସ୍ଥିତିର ସାମ୍ନା କରୁଛି। ଏହି ମୁକାବିଲାମୂଳକ ସମୟରେ ଲକ୍‌ଡାଉନ ଅବ୍ୟାହତ ରହିଥିବାବେଳେ ଭାରତରେ ଅନେକ ବିଳମ୍ବିତ ଟିକାକରଣ ଘଟଣା ପରିଲକ୍ଷିତ ହେବ, କାରଣ ବହୁସଂଖ୍ୟକ ପିଲା ଏହି ସମୟରେ ଟିକା ନେଇପାରିବେ ନାହିଁ ଅଥବା ଆଂଶିକ ଟିକା ନେଇଥିବେ। ଜଣକର ସ୍ୱାସ୍ଥ୍ୟ ଏବଂ ଜୀବନ ପାଇଁ ଟିକାକରଣ ଏକ ମୌଳିକ ଆବଶ୍ୟକତା ହୋଇଥିବାବେଳେ କୋଭିଡ୧୯ କାରଣରୁ ସମ୍ପ୍ରତି ହୋଇଥିବା ତାଲାବନ୍ଦ (ଲକ୍‌ଡାଉନ)କୁ ଏଡାଇବା ଅସମ୍ଭବ ଏବଂ ଏହି କାରଣରୁ ଟିକାକରଣରେ ବିଳମ୍ବ ଘଟିବା ଅନିବାର୍ଯ୍ୟ ବୋଲି ବୁଝିବାକୁ ହେବ।

ଟିକାକରଣର ଗୋଟିଏ ଖୁରାକ ବିଳମ୍ବ ଘଟିଲେ ପରବର୍ତ୍ତୀ ଖୁରାକ ଦେବାର ସମୟ ହୁଏତ ପ୍ରଭାବିତ ହୋଇପାରେ ଏବଂ ଏହାଦ୍ୱାରା ଶିଶୁଙ୍କୁ ଯେଉଁସବୁ ରୋଗରୁ ସୁରକ୍ଷା ପ୍ରଦାନ କରାଯିବାକଥା, ସେମାନଙ୍କ କ୍ଷେତ୍ରରେ ସେହିସବୁ ରୋଗ ହେବା ଆଶଙ୍କା ବୃଦ୍ଧିପାଏ। ତେବେ ବିଶେଷଜ୍ଞମାନଙ୍କର କହିବା କଥା ଯେ ବିଳମ୍ବରେ ଟିକାକରଣ ଚଳନୀୟ ଏବଂ ଏହା ସାମ୍ପ୍ରତିକ ମହାମାରୀ ଭଳି ଜୀବନନାଶକ ନୁହେଁ। ବ୍ୟାଘାତ ଅଥବା ବିଳମ୍ବିତ ଟିକାକରଣ କ୍ଷେତ୍ରରେ ପରବର୍ତ୍ତୀ ଟୀକାକରଣ ଖୁରାକ ପାଇଁ ଏକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ନିର୍ଦ୍ଦେଶାବଳୀ ମୁତାବକ ନିର୍ଦ୍ଦିଷ୍ଟ ପ୍ରତୀକ୍ଷାର ସମୟ ରହିଛି।

ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଆଣ୍ଡ ହସପିଟାଲ, ଓଡ଼ିଶାର ଶିଶୁରୋଗ ଚିକିତ୍ସା ବିଭାଗର ସହଯୋଗୀ ପ୍ରଫେସର ଡା.ସୁନିଲ ଅଗ୍ରୱାଲା କହିଛନ୍ତି, "ପ୍ରାଥମିକ ଟିକାଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତେବେ ସାମ୍ପ୍ରତିକ ପରିସ୍ଥିତିରେ ତାହାକୁ ଦୁଇ ଅଥବା ତିନିମାସ ବିଳମ୍ବିତ କରିହେବ। ଘରେ ନିରାପଦରେ ରହିବା ଏବଂ କୋଭିଡ-୧୯ର ନିର୍ଦ୍ଦେଶାବଳୀ ପାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେହେତୁ ବିଳମ୍ବରେ ଟିକାକରଣ ଦ୍ୱାରା କୌଣସି ବ୍ୟତିକ୍ରମ ବା ବ୍ୟାଘାତ ଘଟିବନାହିଁ। ଏଥିସହିତ ଅଭିଭାବକମାନେ ପିଲାସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିବା, ପରଦା ସମୟକୁ ସୀମିତ ରଖିବା, ଫାଷ୍ଟଫୁଡକୁ ଏଡାଇବା, ପର୍ଯ୍ୟାପ୍ତ ପୁଷ୍ଟିକର ଖାଦ୍ୟ ଖାଇବା ଆଦି ପଦକ୍ଷେପ ଗ୍ରହଣକରି ସେମାନେ ନିଜ ମନ ଭିତରେ ସୃଷ୍ଟି ହେଉଥିବା ଡର ଓ ଭୟକୁ ହ୍ରାସ କରିବା ସହିତ ପିଲାର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିରେ ସହାୟକ ହୋଇପାରିବେ।"

"ଧାର୍ଯ୍ୟ ସମୟରେ ଟିକାକରଣ ନିମନ୍ତେ ସମ୍ପ୍ରତି ହସପିଟାଲକୁ ଧାଇଁବା ଆଦୌ ପରାମର୍ଶଯୋଗ୍ୟ ନୁହେଁ, କାରଣ ଏହା ଭୂତାଣୁ ସଂସ୍ପର୍ଶରେ ଆସି ଆପଣଙ୍କୁ ବିପଦରେ ପକାଇପାରେ ଏବଂ ପରବର୍ତ୍ତୀ ସମୟରେ ଆପଣଙ୍କଠାରୁ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିୟୋଜିତ ଏବଂ ସେବାଯୋଗାଣକାରୀଙ୍କୁ ମଧ୍ୟ ବ୍ୟାପିପାରେ। ତାଲାବନ୍ଦ (ଲକ୍‌ଡାଉନ) ଅବଧି ଶେଷହେବା ପରେ ରୁଟିନ ଟିକାକରଣକୁ ସୁଦୃଢ କରିବା, ପ୍ରଥମ ଖୁରାକକୁ ଅଗ୍ରାଧିକାର ଦେବାସହିତ ପରକୁ ପର ବୁଷ୍ଟର ଖୁରାକ ଦିଆଗଲେ ତଦ୍ଦ୍ୱାରା ପିଛିଲା ଶିଶୁମାନଙ୍କର ଟିକାକରଣ ସହିତ ନୂତନ ଶିଶୁଙ୍କର ଟିକାକରଣ କରାଯାଇପାରିବ ବୋଲି ଡା. ସୁନିଲ ଅଗ୍ରୱାଲା ମତ ଦେଇଛନ୍ତି। ଲକ୍‌ଡାଉନ ସମୟରେ ଟିକାଦେବା ସକାଶେ ପିତାମାତା ଏବଂ ଡାକ୍ତରମାନଙ୍କୁ ମିଳିତଭାବେ ଆଲୋଚନା କରି ସଠିକ ସମୟ ଏବଂ ସ୍ଥାନ ନିରୂପଣ କରିବାକୁ ହେବ। ଭରସାଯୋଗ୍ୟ ଡାକ୍ତରୀ ସୂତ୍ର ଜରିଆରେ ବିଳମ୍ବିତ ଟିକାକରଣ ସମ୍ପର୍କରେ ଅବଗତ ରହିବା ମଧ୍ୟ ଆବଶ୍ୟକ ଏବଂ ତତ୍‌ସହିତ ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ବ୍ୟବସ୍ଥା ଉପରେ ଆସ୍ଥା ଓ ବିଶ୍ୱାସ ରଖିବା ଆବଶ୍ୟକ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray